କବିତା ଓ ଉପନ୍ୟାସକୁ ବାଦ୍ ଦେଲେ କ୍ଷୁଦ୍ର ଗଳ୍ପ କ୍ଷେତ୍ରରେ ମଧ୍ୟ ଇଂରେଜୀ ଲେଖିକାଙ୍କ ସ୍ଥାନ ଅତି ଉଚ୍ଚରେ । ଏଥିରେ ନାରୀ ଜୀବନର ଅକୁହା କଥା, ବ୍ୟଥା ବେଦନା, ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତଓ ସହରରେ ବସବାସ କରୁଥିବା ନାରୀମାନଙ୍କ କଥା ଉପସ୍ଥାପନ କରିଛନ୍ତି । ଏଥିରେ ମୁଖ୍ୟତଃ ଭାରତୀୟ ନାରୀର ମର୍ମବେଦନା ରୂପ ପାଇଛି । Truth tales-1, ୧୯୮୬ Truth tales- 2. The slate of lifର ୧୯୯୦ otherwords, New writing by Indian women ୧୯୯୨, Right of way ୧୯୮୮, flaming spirit ୧୯୯୪ ଏବଂ The Inner courtyyard ୧୯୯୦ ।

ସାଂପ୍ରତିକ ଗଳ୍ପ ସାହିତ୍ୟ ଭିତରେ ରହିଥିବା ବିବିଧତା, ବହୁମୁଖୀ ପ୍ରତିଭା, ନିଜ ପରିଚୟ ଖୋଜି ଚାଲିଥିବା ନାରୀର ରୂପ ଗାଳ୍ପିକାମାନଙ୍କ ଗଳ୍ପରେ ପରିଦୃଷ୍ଟ ହୋଇଥାଏ । ଭାରତୀୟ ସାହିତ୍ୟର ଜଣେ ବିଶିଷ୍ଟ ଗାଳ୍ପିକା ଏବଂ ଔପନ୍ୟାସିକା ହେଉଛନ୍ତି ଅନୀତା ଦେଶାଇ । ତାଙ୍କର ପ୍ରମୁଖ କୃତିଗୁଡିକ ହେଉଛି Peacock, Voices of the city, fire on the mountain, clear light of day, Incustody, fasting, feasting Gaõ the village by the sea.

ସେହିଭଳି ଅରୁନ୍ଧତୀ ରାୟ ଜଣେ ବିଶିଷ୍ଟ ଗାଳ୍ପିକା, ଅନେକ ପ୍ରବନ୍ଧ, ନାଟକ ଏବଂ ଗଳ୍ପର ସୃଷ୍ଟିକର୍ତ୍ତ୍ରୀ । ୧୯୯୭ ମସିହାରେ ତାଙ୍କର ଉପନ୍ୟାସ The God of small things ପ୍ରକାଶିତ ହୋଇଥିଲା । ସେହିଭଳି, ଅନୀତା ନାୟାରଙ୍କ Mistress, ଶଶୀ ଦେଶପାଣ୍ଡେଙ୍କ ଗଳ୍ପ ସଂକଳନ ୧୯୭୮ ମସିହାରେ ପ୍ରକାଶିତ ହୋଇଥିଲା । ସେ-ହିଭଳି ଶଶୀ ଦେଶପାଣ୍ଡେଙ୍କ ଲେଖାଗୁଡିକ ମଧ୍ୟରେ The Binding vine, matter of time, That long silencର ଏବଂ Dark holds no terrors. ସେହିଭଳି ଶୋଭାଦେ ଅନ୍ୟତମ ଲେଖିକା ତାଙ୍କୁ ଭାରତର ଜେକ୍ କଲିନସ୍ ବୋଲି କୁହାଯାଏ । ତାଙ୍କ ଲେଖାଗୁଡିକ ମଧ୍ୟରେ Starry Nights, Socialite evenings, saltry day's, sisters, small be trayals, second thoughts,, surving men, spouse, snaphots Gaõ selective memory. ସୁଧାମୂର୍ତ୍ତି ସେହିଭଳି ଇଂରାଜୀ ସାହିତ୍ୟର ଜଣେ ବିଶିଷ୍ଟ ଲେଖିକା ଏବଂ ସମାଜସେବୀ । ତାଙ୍କ ବିଶିଷ୍ଟ ଲେଖାଗୁଡିକ ମଧ୍ୟରେ Dollarsose, wise & otherwise ଏବଂ Mahasweta. ଚିତ୍ରା ବାନାର୍ଜୀ ଦିବାକୁର୍ଣ୍ଣି ହେଉଛନ୍ତି ଜଣେ ଗାଳ୍ପିକା, ଔପନ୍ୟାସିକା କବି ଓ ପ୍ରଫେସର ଭାବରେ ପରିଚିତା । ତାଙ୍କ ଲେଖାଗୁଡିକ ହେଉଛି Palace of Illusion, Mistress of spice. କିରଣ ଦେଶାଇ ଇଂଲଣ୍ଡ ଓ ଆମେରିକାରେ ଶିକ୍ଷା ଲାଭ କରିଥିଲେ । ତଥାପି ତାଙ୍କ ଲେଖାଗୁଡିକରେ ଭାରତୀୟ ଐତିହ୍ୟ, ସଂସ୍କୃତି, ପରମ୍ପରାର ସ୍ଫୁରଣ ଦେଖିବାକୁ ମିଳେ । ତାଙ୍କର ପ୍ରସିଦ୍ଧ ଲେଖାଗୁଡିକ ମଧ୍ୟରେ Inheritance of loss Hullabaloo in the guavaorchadard. The Inhere itance of loss. The inheritance of loss ୨୦୦୬ରେ ବୁକର୍ ପୁରସ୍କାର ପାଇଥିଲା । ଭାରତୀ ମୁଖାର୍ଜୀ ସାତଟି ଉପନ୍ୟାସ ଏବଂ ଦୁଇଟି କ୍ଷୁଦ୍ର ଗଳ୍ପର ସ୍ରଷ୍ଟା । ସେ ପୁଣି ପ୍ରସିଦ୍ଧ ଗଳ୍ପ ସଂକଳନର ଲେଖିକା । ତାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ

ମଧ୍ୟରେ Desirable Daughters, Jasmine. Holer of the world. Leave it to me, The middle man & other stories.

**ଅହମୀୟା ସାହିତ୍ୟରେ ଲେଖିକା:**

ଭାରତୀୟ ଇଂରେଜୀ ଭାଷାର ଲେଖିକାଙ୍କ ଭଳି ଅସମୀୟା ସାହିତ୍ୟରେ ଲେଖିକାଙ୍କ ଅବଦାନ ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଭାରତର ଅନ୍ୟାନ୍ୟ ପ୍ରାନ୍ତୀୟ ସାହିତ୍ୟ ପରି ଅସମୀୟା ସାହିତ୍ୟ ମଧ୍ୟ ଉତ୍କୃଷ୍ଟ ଓ ଉନ୍ନତ । ସମଗ୍ର ବିଶ୍ୱରେ ଦେଖାଯାଇଥିବା ପୁରୁଷପ୍ରଧାନ ସମାଜ ଭଳି ଅସମୀୟା ସାହିତ୍ୟ ମଧ୍ୟ ପୁରୁଷପ୍ରଧାନ । ପାରମ୍ପରିକ ନୀତିନିୟମର ନିଗଡ଼ ମଧ୍ୟରେ ନାରୀମାନଙ୍କର ଜୀବନଚର୍ଯ୍ୟା ସୀମିତ ହୋଇ ରହିଥିଲା । ତତ୍କାଳୀନ ସମୟରେ ଯେଉଁ ଲେଖିକାମାନେ ଲେଖନୀ ଚାଳନା କରୁଥିଲେ ସେମାନେ ସମସ୍ତେ ପ୍ରଗତିଶୀଳ ତଥା ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଊନବିଂଶ ଶତାବ୍ଦୀର ଲେଖିକାମାନେ ହେଲେ- ପଦ୍ମାବତୀ ଦେବୀ ଫୁକନାନୀ- ସେ ୧୮୫୩ରୁ ୧୯୨୭ ପର୍ଯ୍ୟନ୍ତ ଲେଖନୀ ଚାଳନା କରିଥିଲେ । ତାଙ୍କର ବିଶିଷ୍ଟ କୃତି ଗୁଡିକ ହେଉଛି 'ସୁଧର୍ମାର ଉପାଖ୍ୟାନ' (Sudharma tale-1884) ଏହା ଦ୍ୱିତୀୟ ଅସମୀୟା ଭାଷାର ଉପନ୍ୟାସ ଭାବରେ ଖ୍ୟାତି ଅର୍ଜନ କରିଛି । ଏଥିରେ ରହିଛି ଅତୀତ ସ୍ମୃତି ତଥା ବୀରଗାଥା ଉଦ୍ରେକକାରୀ ଏକ ଉଚ୍ଚକୋଟୀର ଲୋକ କାହାଣୀ । ସେ ମଧ୍ୟ ଜଣେ କବି, ସମାଲୋଚିକା, ଶିଶୁ ସାହିତ୍ୟିକା (ହିତୋସାଧିକା) ତାଙ୍କର ଅନେକ ନାରୀ ସଂପର୍କିତ ଲେଖା ପ୍ରକାଶିତ ହୋଇଛି ବହିନ୍ ଏବଂ ବହିନ୍‌ରେ (Baheen & Baheen) (ଅସମୀୟା ଭାଷା) ତାଙ୍କର ପ୍ରତ୍ୟେକ ଲେଖାରେ ତତ୍କାଳୀନ ଭାରତୀୟ ସମାଜ ଏବଂ ଚଳଣିରେ ବିଧବାମାନଙ୍କ ଜୀବନଚର୍ଯ୍ୟା ଅତ୍ୟନ୍ତ ଦୟନୀୟ ଏବଂ କରୁଣଥିଲା । ପଦ୍ମାବତୀ ଫୁକନାନୀଙ୍କ ଲେଖାଗୁଡିକ ସାହିତ୍ୟ ସଭା (The Assamese Literary Association) ଯାହାକୁ 'ସମାଜୋତ୍ ଟିରୁଟର ସ୍ଥାନ୍' Women's place in society କୁ ପଠାଇଥିଲେ ।(୧୪) ସେହିଭଳି ୧୮୭୧-୧୯୩୨ ମସିହା ପର୍ଯ୍ୟନ୍ତ ଲେଖନୀ ଚାଳନା କରିଥିଲେ ସ୍ୱର୍ଣ୍ଣଲତା ବରୁଆ । ତାଙ୍କ ଲେଖାଗୁଡିକ ଆସାମ ବନ୍ଧୁରେ ପ୍ରକାଶିତ ହୋଇଥିଲା । ସେ ଅ ତି ଅଳ୍ପ ବୟସରେ 'ଅହିତିରୁତା'(Ahi Tiruta) ଲେଖିଥିଲେ । ତାଙ୍କ ଲେଖନୀରେ କୁସଂସ୍କାର, ଅସ୍ପୃଶ୍ୟତା ଉପରେ ସେ ଆଲୋକପାତ କରିଛନ୍ତି ।

ବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ନିଜର ଲେଖକୀୟ ବ୍ୟକ୍ତିତ୍ୱର ପରିପ୍ରକାଶ କରିଥିଲେ ତିନିଜଣ ବିଶିଷ୍ଟ ଲେଖିକା । ସେମାନେ ହେଉଛନ୍ତି ଧର୍ମେଶ୍ୱରୀ ଦେବୀ ବରୁଆନୀ, ଯମୁନେଶ୍ୱରୀ ଖାଟୋନିୟାର ଏବଂ ନନ୍ଦିନୀବାଳା ଦେବୀ କାବ୍ୟଭାରତୀ । ଧର୍ମେଶ୍ୱରୀ ଦେବୀଙ୍କ ସୃଷ୍ଟି ସମ୍ଭାର ହେଉଛି- 'ଫୁଲର ସୋରାଇ' (Phulara sorai 1929) ପ୍ରାଣର ପରଶ (Pranara parash) ୧୯୫୨ ଏବଂ ଅଶ୍ରୁଧନ Ashru Dhana, ଅରୁ ଜୀବନର ତରୀ Arujivanra tari ୧୯୬୩ରେ ରଚିତ । ଏହି ସୃଷ୍ଟିଗୁଡିକରେ ରୋମାଣ୍ଟିକ୍ ଚିନ୍ତାଧାରା ସହ ଅଦ୍ୱୈତବାଦୀ ସ୍ୱର ଦେ ଖିବାକୁ ମିଳେ । ଯମୁନେଶ୍ୱରୀ ଖଟୋନିୟାର-୧୮୯୯-୧୯୨୪-ସେ ଘରୋଇ ବିଦ୍ୟାଳୟରେ Jamuneswari Khotoniyar- ଶିକ୍ଷାଲାଭ କରି ବାଳିକାମାନଙ୍କ ଶିକ୍ଷାର ଉନ୍ନତି ପାଇଁ ଲଢେଇ ଜାରି ରଖିଥିଲେ । (Juroni Sabha) ସେ ଚାରିବର୍ଷ ଭିତରେ ଜୁରୋନି ସଭାର ଆୟୋଜନ କରିଥିଲେ । ଅରୁନ (Arun) ୧୯୧୯ରେ ରଚିତ ଏବଂ Baheen ରେ ପ୍ରକାଶିତ ହୋଇଛି ।

ନଳିନୀବାଳା ଦେବୀ- Nalini Bala Devi- ୧୮୯୮-୧୯୨୨ । ନଳିନୀବାଳା ଦେବୀ ହେଉଛନ୍ତି ସେ ସମୟର ଶ୍ରେଷ୍ଠ ନାରୀ କବି । ସେ ଜଣେ ବାଲ୍ୟବିଧବା ହୋଇଥିବାରୁ (ଦଶବର୍ଷରେ ବିଧବା ହୋଇଥିଲେ) ତାଙ୍କ ଲେଖାରେ "ବିଧ

ବା’ର ଦୁଃଖ, ଯନ୍ତ୍ରଣା, ଆର୍ତ୍ତୀର ସ୍ୱର ଫୁଟି ଉଠିଛି । ତାଙ୍କ କବିତାଗୁଡିକ ହେଉଛି ସକ୍ଲିୟାରସୁର, Sacliyar Sur, ୧୯୨୮, ସନ୍ଧ୍ୟାର ସୁର୍ Sandhyaarsusur, Sapanarsur- ସପନର ସୁର, ୧୯୪୩- ପରଶମଣି- ଚବକ୍ସବସ୍ୱବଙ୍କବଭସ- ୧୯୫୪, ଅଳକାନନ୍ଦା Alakananda ୧୯୬୮ ଏବଂ RûMéZò Jagrutee ୧୯୬୨ରେ ରଚିତ । ସେ ଅଳକାନନ୍ଦା ପାଇଁ ୧୯୬୮ରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ସ୍ମୃତିର ତୀର୍ଥ ତାଙ୍କର ଅଟୋ ବାଇଗ୍ରାଫି । ଏଥିରେ ତାଙ୍କ ବାପା ନବୀନଚନ୍ଦ୍ର ବରଡୋଲାଇଙ୍କ ଜୀବନର କଥା ଚିତ୍ରିତ ହୋଇଛି । ଅସମୀୟା ଭାଷା ଓ ସାହିତ୍ୟ ଇତିହାସରେ ନଳିନୀବାଳା ଦେବୀ ଜଣେ ଉଚ୍ଚକୋଟୀର ଲେଖିକା । ଏହି ମହିୟସୀ ମହିଳା ହେଉଛନ୍ତି- Janki Era- ବା ଜୋନାକିକାଳର(ଜୋନାକି) । ତାଙ୍କ ଲେଖନୀରେ ନାରୀବାଦର ସ୍ୱର ଫୁଟି ଉଠିଛି । ସେ ସାହିତ୍ୟର ମୁଖ୍ୟ ଧାରାରେ ସାମିଲ ହୋଇଥିଲେ । ତାଙ୍କ ପରେ ପରେ ଅସମୀୟା ସାହିତ୍ୟରେ ଉପନ୍ୟାସ ଏବଂ ଗଳ୍ପ ରଚିତ ହୋଇଛି ।

ସବୁ ଦୃଷ୍ଟିରୁ ବିଚାର କଲେ ସାହିତ୍ୟରେ ଉପନିବେଶ ସ୍ଥାପନ ପରେ ନାରୀମାନଙ୍କ ଲେଖନୀରେ ସାମାଜିକ, ସାଂସ୍କୃତିକ, ରାଜନୀତିକ ଓ ଅର୍ଥନୀତିକ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ପୁରୁଷ ପ୍ରଧାନ ସମାଜରେ ସେହି ସମୟରେ ନାରୀ ଶିକ୍ଷା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ନାରୀମାନେ ତାଙ୍କର ଅସ୍ତିତ୍ୱ ବିଷୟରେ ଜାଣିବା ପାଇଁ ସତତ ଚେଷ୍ଟିତ ହୋଇଛନ୍ତି । ଊନବିଂଶ ଶତକର ଶେଷବେଳକୁ ଏହି ଲେଖିକାମାନଙ୍କ ଆବିର୍ଭାବ ହୋଇଛି । କେତେକ ସୃଜନଶୀଳ ଲେଖିକା ତତ୍କାଳୀନ କୁସଂସ୍କାର, ଅନ୍ଧବିଶ୍ୱାସର ଧାରାକୁ ବିରୋଧ କରିଛନ୍ତି । ଇଂରେଜ ଶାସନାଧୀନ ଅାସାମରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରେ ବାମାବାଦୀ ଚିନ୍ତାଧାରାର ଉଦ୍ରେକ ହୋଇଥିଲା । ଅନେକ ସମୟରେ “ନାରୀବାଦ’ ପ୍ରସଙ୍ଗରେ ଅସମୀୟା ସାହିତ୍ୟରେ ବିରୋଧାଭାସ ଦେଖିବାକୁ ମିଳେ । “ ”ତତ୍କାଳୀନ ଗାଳ୍ପିକାମାନେ ପତ୍ରପତ୍ରିକାରେ ପରିବର୍ତ୍ତନ ଓ ବିପ୍ଳବର କଥା କହୁଥିଲା ବେଳେ ତାଙ୍କ ଉପନ୍ୟାସଗୁଡିକରେ ପରମ୍ପରା ଓ ମୂଲ୍ୟବୋଧକୁ ସେମାନେ ଜାବୁଡି ଧରିଥା’ନ୍ତି । ସେହି ଲେଖିକାମାନେ ହଠାତ୍ ଗୋଟିଏ ପରିବର୍ତ୍ତନକୁ ଚାହୁଁ ନଥିଲେ ।’’(୧୫) ସାରା ଭାରତବର୍ଷରେ ପତ୍ରପତ୍ରିକାଗୁଡିକ ଲେଖିକାଙ୍କୁ ପ୍ରୋତ୍ସାହିତ କରୁଥିଲେ । ପାରମ୍ପରିକ ମୂଲ୍ୟବୋଧ ଉପରେ ଯଦିଓ ପ୍ରଥମ ପର୍ଯ୍ୟାୟରେ ଲେଖିକାମାନେ ଲେଖୁଥିଲେ । ପରବର୍ତ୍ତୀ ସମୟରେ ବା ଆଧୁନିକ କାଳରେ (Modern Era) ସମୟୋପଯୋଗୀ ଲେଖାଗୁଡିକ ପ୍ରକାଶ କଲେ । ଆଧୁନିକ କାଳର ଦୁଇଜଣ ବିଶିଷ୍ଟ ତଥା ଖ୍ୟାତନାମା ଲେଖିକା ହେଲେ ସ୍ୱର୍ଣ୍ଣଲତା ସାଇକିଅାନି ଏବଂ ରାଜବାଲା ଦାସ ମହିଳାଙ୍କ କାର୍ଯ୍ୟାବଳୀକୁ ଦେଶ ତଥା ଦେଶ ବାହାରେ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିଲେ । “ଘର ଜେଉଟି’ ‘Ghar Jeuti’ ପତ୍ରିକା ମାଧ୍ୟମରେ ସ୍ୱର୍ଣ୍ଣଲତା ସାଇକିଆନି ନାରୀ ବିଷୟକ ଅନେକ ଲେଖା ଲେଖିଥିଲେ ଏବଂ ନାରୀମାନଙ୍କୁ ସଚେତନ କରିବା ପାଇଁ ସତତ ଚେଷ୍ଟିତ ଥିଲେ ।

ଏହି ଲେଖିକାମାନଙ୍କ ପଥ ଅନୁସରଣ କରି ବା ଧାରାକୁ ପାଥେୟ କରି ବିପ୍ଳବ ଏବଂ ବିରୋଧୀ ସ୍ୱର ସମଗ୍ର ବିଶ୍ୱ ସାହିତ୍ୟରେ ପ୍ରତିପାଦିତ କରିଛନ୍ତି ପରବର୍ତ୍ତୀ ଲେଖିକାମାନେ । ସେମାନଙ୍କ ମଧ୍ୟରୁ ବିଖ୍ୟାତ ଲେଖିକା ଇନ୍ଦିରା ଗୋସ୍ୱାମୀ, ନିରୁପମା ବର୍-ଗୋହାଇଁ, ସ୍ନେହଦେବୀ ପ୍ରଭୃତି ଅନ୍ୟତମ । ତାଙ୍କ ଲେଖାଗୁଡିକରେ “ବାମାବାଦୀ’ ଚିନ୍ତାଧାରା ତଥା ନାରୀମାନଙ୍କର ଅଧିକାର ସମ୍ପର୍କରେ ସୂଚୀତ ହୋଇଛି । ଇନ୍ଦିରା ଗୋସ୍ୱାମୀ (୧୯୪୨) ଜଣେ ବିଖ୍ୟାତ ଔପନ୍ୟାସିକା ଓ ଗାଳ୍ପିକା । ସେ ପୁଣି ୨୦୦୦ ମସିହାର ଜ୍ଞାନପୀଠ ବିଜୟିନୀ । ୧୯୮୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତା । ସାମ୍ବାଦିକା ଓ ଲେଖିକା ଭାବରେ ନିରୁପମା ବର୍ ଗୋହାଇଁ ଅସମୀୟା ସାହିତ୍ୟର ଏକ ବଳିଷ୍ଠ ସ୍ୱର । ତାଙ୍କର ଜନ୍ମ- ୧୯୩୨ରେ । ଗୌହାଟୀ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ର ଛାତ୍ରୀ ନିରୁପମା ଅଶୀ ଦଶକର ଆସାମର ସାମାଜିକ ସମସ୍ୟାକୁ ନେଇ ଅନେକ ଗଳ୍ପ ଲେଖିଛନ୍ତି । ତାଙ୍କର ଉଲ୍ଲେଖନୀୟ କୃତିଗୁଡିକ ହେଲା ଅଭିଯାତ୍ରୀ, ଅନ୍ୟ

ଜୀବନ, ଇପାର୍‌ହିସାର୍, ଏଇନଦୀ ନିରବଧି ଇତ୍ୟାଦି ।

ଅହମୀୟା ଭାଷାରେ ଗଳ୍ପ ଲେଖୁଥିବା ଅନ୍ୟ ଜଣେ ଶ୍ରେଷ୍ଠ ଗାଳ୍ପିକା ହେଉଛନ୍ତି ସ୍ନେହଦେବୀ । ସ୍ନେହଦେବୀଙ୍କର 'ଏକୁନି' ଗଳ୍ପ ସଂକଳନ । ଏଥିରେ ନାରୀ ଜୀବନର ମାର୍ମିକ ଅଭିବ୍ୟକ୍ତି ପ୍ରକାଶ ପାଇଛି । ତାଙ୍କର ପ୍ରତିଟି ଗଳ୍ପ ଭିତରୁ ଗୋଟିଏ ସ୍ୱର ସ୍ପଷ୍ଟ ବାରି ହୋଇପଡେ ତାହା ହେଉଛି 'ନାରୀର ଦୃଢ଼ ଆତ୍ମପ୍ରତ୍ୟୟର ସ୍ୱର ।' ଏଥିରେ ସାଧାରଣ ମଧ୍ୟବିତ୍ତ ପରିବାରର ଗୃହିଣୀଟିଏ ସ୍ୱାମୀର ବ୍ୟଭିଚାର ଓ ସ୍ୱେଚ୍ଛାଚାରର ଉପଯୁକ୍ତ ଜବାବ ଦେବା ସହ ଅନୀତିର ପ୍ରଶ୍ନକୁ ପଛରେ ପକାଇ ପୁରୁଷର ସାମ୍ନାସାମ୍ନି ହୋଇପାରିଛି । ଇନ୍ଦିରା ଗୋସ୍ୱାମୀ- ଜନ୍ମ ୧୪ ନଭେମ୍ବର ୧୯୪୭ ଗୌହାଟୀ, ମୃତ୍ୟୁ- ୨୯ ନଭେମ୍ବର ୨୦୧୫ ଜି.ଏମ୍.ସି.ଏଚ୍ ଗୌହାଟୀ ଆସାମ । ଅହମୀୟା ଭାଷାରେ ପ୍ରାୟ ଛଅ ଶହରୁ ଊର୍ଦ୍ଧ୍ୱ କାହାଣୀର ଲୋକପ୍ରିୟ ଲେଖିକା ହେଉଛନ୍ତି ଯଶସ୍ୱିନୀ କଥା ଶିଳ୍ପୀ ଇନ୍ଦିରା ଗୋସ୍ୱାମୀ । "ଆସାମର ଏକମାତ୍ର ଜ୍ଞାନପୀଠ ବିଜୟିନୀ । ଆଧୁନିକ ଅସମୀୟା ସାହିତ୍ୟର ଏକ ସ୍ମରଣୀୟ ପ୍ରତିଭା । ବିଭିନ୍ନ ସାମାଜିକ ସମସ୍ୟା, ଦୀନଦୁଃଖୀ ଶୋଷଣ, ନାରୀ ପ୍ରତି ହେଉଥିବା ଅନ୍ୟାୟ, ଅବିଚାର ଓ ମଣିଷମାନଙ୍କର ଧର୍ମ ନାମରେ ଚାଲିଥିବା ବହୁ ଅନୀତିକର ଘଟଣା ପ୍ରତି ସେ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ତାଙ୍କର ସାମାଜିକ ଅଙ୍ଗୀକାରବଦ୍ଧତା ତାଙ୍କ ରଚନାର ଏକ ବିଶିଷ୍ଟ ଦିଗ ।"(୧୬) ଇନ୍ଦିରା ଗୋସ୍ୱାମୀ ଏକାଧାରରେ ଥିଲେ ଲେଖିକା, ଶିକ୍ଷିକା ଏବଂ କର୍ମକ୍ଷେତ୍ରରେ ଜଣେ ଅଗ୍ରଣୀ ସୈନିକା । ପୁରୁଷପ୍ରଧାନ ସମାଜରେ ନାରୀକୁ ତା'ର ଅନ୍ତର୍ନିହିତ ଶକ୍ତି ଓ ଅଧିକାର ଦେବା ପାଇଁ ସେ ସତତ୍ ଚେଷ୍ଟା କରିଛନ୍ତି ତାଙ୍କ ଲେଖନୀ ମାଧ୍ୟମରେ । ଇନ୍ଦିରା ଗୋସ୍ୱାମୀଙ୍କ ସ୍ୱଭାବ ଓ ବ୍ୟବହାର ଥିଲା ପରମ୍ପରା ବିରୋଧରେ ବିଦ୍ରୋହ । ତାଙ୍କର କ୍ଷୁଦ୍ର ଗଳ୍ପଗୁଡିକ ହେଉଛି- ଯାତ୍ରା (The Journey), ସଂସ୍କାର- (Sanskar), ଉଡଙ୍ଗ୍-ବାକଚ୍ (Udang bakch), ପଶୁ (Beasts) ଦ୍ୱାରକା ଏବଂ ତା'ର ବନ୍ଧୁକ (Dwarka & his Gun) ।

ହିନ୍ଦୀ ସାହିତ୍ୟରେ ଲେଖିକା : ହିନ୍ଦୀ ସାହିତ୍ୟରେ ମଧ୍ୟ ପୁରୁଷପ୍ରଧାନ ସମାଜ ବ୍ୟବସ୍ଥା ବିରୋଧରେ ଲେଖିକାମାନଙ୍କ ଆବିର୍ଭାବ । ହିନ୍ଦୀ ସାହିତ୍ୟରେ ମହିଳାମାନଙ୍କ ଜୀବନ ସହ ଲେଖିକାମାନେ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ । ବିବାହ, ବିଚ୍ଛେଦ, ଯୌତୁକ, ଯୌନଚେତନା ନାରୀଶିକ୍ଷା ଆଦି ମହିଳାଙ୍କ ଜୀବନକୁ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରୁଥିବା ବିଭିନ୍ନ ପ୍ରସଙ୍ଗ ଉପରେ ସେମାନେ ନିରନ୍ତର ଲେଖୁଥିଲେ । ପୂର୍ବରୁ ହିନ୍ଦୀ ସାହିତ୍ୟରେ ମୁନ୍‌ସୀ ପ୍ରେମ୍‌ଚାନ୍ଦ, ଜୈନେନ୍ଦ୍ରକୁମାର, ରାଜେନ୍ଦରସିଂ, ଭୀଷମ୍‌ସାହାନି ପ୍ରମୁଖ ପ୍ରଖ୍ୟାତ ଲେଖକମାନେ ନିଜର ସାମାଜିକ ଦୃଷ୍ଟିଭଙ୍ଗୀ ଓ ତତ୍କାଳୀନ ସାଂସ୍କୃତିକ ପରିବେଶ ମଧ୍ୟରେ ମହିଳାଙ୍କ ପ୍ରସଙ୍ଗ ଆଲୋଚନା କରିଥିଲେ । ଯାହା ପର୍ଯ୍ୟାପ୍ତ ନଥିଲା । ତାଙ୍କ ଲେଖନୀରେ ମହିଳାଙ୍କ ଦୃଷ୍ଟି ଭଙ୍ଗୀ ପ୍ରତିଫଳିତ ହୋଇନଥିଲା । ଲେଖିକାମାନେ ଏହି ଶୂନ୍ୟତାକୁ ପୂରଣ କରିଥିଲେ ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ସାଂସ୍କୃତିକ ପରମ୍ପରା, ସାମାଜିକ ବିଧିବ୍ୟବସ୍ଥା ଆଦିର ତର୍ଜମା ଲେଖିକାମାନେହିଁ କରିବାରେ ସଫଳ ହୋଇଛନ୍ତି । ସେମାନଙ୍କ ଲେଖାରେ ପୁରୁଷ ପ୍ରଧାନ ସମାଜର ବ୍ୟବସ୍ଥା, ସାମାଜିକ ଓ ପାରିବାରିକ ବ୍ୟବସ୍ଥାରେ ମହିଳାଙ୍କୁ ଦିଆଯାଇଥିବା ନିମ୍ନସ୍ଥାନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ରଜନୀ ପାନିକର୍ କ୍ରିଷ୍ଣା ସୋବତୀଙ୍କ ସମେତ ବହୁ ଲେଖିକାଙ୍କ ଲେଖାରେ ଏ ବିରୋଧର ସ୍ୱର ଦେଖିବାକୁ ମିଳେ । ଏହି ଲେଖିକାମାନେ ସମାଜରେ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରର ଦୃଢ ପ୍ରତିବାଦ କରିଥିଲେ । ସମାଜରେ ନାରୀମାନଙ୍କୁ ଅବଦମିତ କରି ରଖିବାର ବ୍ୟବସ୍ଥା ବିରୁଦ୍ଧରେ ସେମାନଙ୍କର ପ୍ରତିବାଦର ସ୍ୱର ଅତ୍ୟନ୍ତ ସ୍ପଷ୍ଟ ଓ ଶାଣିତ ଥିଲା । କ୍ରିଷ୍ଣା ସୋବତୀ ତାଙ୍କ ଲେଖାରେ ମହିଳାମାନଙ୍କ ଉପରେ ଲଦି ଦିଆଯାଉଥିବା ନୈତିକ ପରମ୍ପରାର ବିରୋଧ କରିଥିଲେ । ଅଉ ଜଣେ ଔପନ୍ୟାସିକା 'ଶିବାନୀ' ମହିଳାଙ୍କ ବ୍ୟକ୍ତିଗତ ଜୀବନ ସେମାନଙ୍କ ଇଚ୍ଛା, ଅଭିପ୍ସା, କାମନା ଆଦି ଉପରେ ଗୁରୁତ୍ୱ ଦେଇଥିଲେ । ଶିବାନୀଙ୍କ ମତରେ "ଭାରତୀୟ ସମାଜରେ ନାରୀକୁ ଦେବୀର ସମ୍ମାନ ଦିଆଯାଇଥାଏ । ତାକୁ ପୁଣି

'ସତୀ' ବୋଲି ଉଚ୍ଚ ସ୍ଥାନ ଦିଆଯାଇଥାଏ । କିନ୍ତୁ ବାସ୍ତବ ଜୀବନରେ ସେମାନଙ୍କ ସ୍ଥାନ ଦାସୀଠାରୁ ବି ହୀନ ।"(୧୭)

ହିନ୍ଦୀ ସାହିତ୍ୟରେ ମୁଖ୍ୟତଃ ବିବାହ ସହିତ ଯୋଡି ହୋଇଥିବା ସମସ୍ୟା ମୌଳିକତଃ କିଭଳି ଏକ ନାରୀ ବିରୋଧୀ ଅନୁଷ୍ଠାନ ସେ ବିଷୟରେ ଅନେକ ଗଳ୍ପରେ ଚିତ୍ରଣ କରାଯାଇଛି । ତତ୍କାଳୀନ ସମାଜରେ ବା ପୁରୁଷପ୍ରଧାନ ସମାଜରେ ଜଣେ ପୁରୁଷର ପତ୍ନୀ ଚୟନର ଅଧିକାର ରହିଛି । କିନ୍ତୁ ଏ ଅଧିକାର ନାରୀର ନାହିଁ । ନିଜ ଇଚ୍ଛା ବିରୁଦ୍ଧରେ ମଧ୍ୟ ତାକୁ ଅନ୍ୟମାନଙ୍କ ଦ୍ୱାରା ମନୋନୀତ ପୁରୁଷକୁ ବିବାହ କରିବାକୁ ପଡ଼େ । ରଜନୀ ପାନିକରଙ୍କ ଉପନ୍ୟାସ ଏବଂ ଗଳ୍ପଗୁଡ଼ିକରେ 'ନାରୀକୁ କିଭଳି ଏକ ସାମଗ୍ରୀ' ଭାବରେ ବ୍ୟବହାର କରାଯାଇଛି ତାହା ଦର୍ଶାଯାଇଛି । ଯୌତୁକ ପ୍ରଥା ଭାରତୀୟ ଅନୁଷ୍ଠାନ ସହ ଯୋଡି ହୋଇଥିବା ଆଉ ଏକ ସମସ୍ୟା । 'ଯୌତୁକ ପ୍ରଥା' କିଭଳି କନ୍ୟାମାନଙ୍କୁ ଏକପ୍ରକାର ପଣ୍ୟ ସାମଗ୍ରୀରେ ରୂପାନ୍ତରିତ କରିଦେଇଛି ତା'ର ଜ୍ୱଳନ୍ତ ଉଦାହରଣ ପାନିକର ଏବଂ ଅନ୍ୟାନ୍ୟ ଲେଖିକାମାନଙ୍କ ସୃଷ୍ଟି ସମ୍ଭାରରେ ଦେଖିବାକୁ ମିଳେ । ଭିନ୍ନ ଭିନ୍ନ ଢଙ୍ଗରେ ଏହି ସାମାଜିକ ସମସ୍ୟାକୁ ଗାଳ୍ପିକାମାନେ ଉପସ୍ଥାପନ କରିଛନ୍ତି ସେମାନଙ୍କର ଲେଖାଗୁଡ଼ିକରେ । ସ୍ୱାମୀର ମୃତ୍ୟୁ ପରେ ଜଣେ ବିଧବା ପତ୍ନୀର ଅସହାୟ ଅବସ୍ଥା ସମାଜ ତଥା ପ ରିବାରରେ ତା' ପ୍ରତି ଏକ ନକାରାତ୍ମକ ମନୋଭାବ, କେତେ ଯେ ଯନ୍ତ୍ରଣାଦାୟକ 'ଜୀବନ' ସେ ବିଷୟ ଶିବାନୀ, ମନୁ ଭଣ୍ଡାରୀ, ମୃଣାଳ ପାଣ୍ଡେ, ମୈତ୍ରେୟୀ ପୁଷ୍ପା ଆଦି ଲେଖିକାଙ୍କ ଗଳ୍ପରେ ବର୍ଣ୍ଣିତ ହୋଇଛି ।

ହିନ୍ଦୀଗଳ୍ପ ସାହିତ୍ୟରେ ପ୍ରାୟ ସବୁ ଲେଖିକାଙ୍କ ମୁଖ୍ୟ ଚରିତ୍ର ହେଉଛନ୍ତି ଶିକ୍ଷିତା ନାରୀ । କାରଣ ସବୁ ଲେଖିକା ନାରୀଶିକ୍ଷା ଉପରେ ଆସୁଥିବା ସମସ୍ୟାଗୁଡ଼ିକର ସଫଳ ମୁକାବିଲା କରିପାରିବ ବୋଲି ଲେଖିକାମାନେ ଦୃଢ଼ ମତପୋଷଣ କରିଛନ୍ତି । "ଶିକ୍ଷା ହେଉଛି ନିଯୁକ୍ତିର ମାଧ୍ୟମ ଏବଂ ନିଯୁକ୍ତି ରୋଜଗାରର ଜରିଆ- ଯାହା ଅର୍ଥନୀତିକ ସ୍ୱାଧୀନତା ଆଣିଦିଏ ।"(୧୮) ଏହି ଆର୍ଥିକ ସ୍ୱାଧୀନତା ହିଁ ସମାଜକୁ ମୁକାବିଲା କରିବାର ମନୋବଳ ଯୋଗାଇଥାଏ ।

**ମନୁ ଭଣ୍ଡାରୀ :** ବିଶିଷ୍ଟ ଭାରତୀୟ ଔପନ୍ୟାସିକା, ହିନ୍ଦୀ ଗଳ୍ପ 'ରଜନୀ ଗଳ୍ପ'ର ସେ କାହାଣୀ ଲେଖିକା । ହିନ୍ଦୀ ସାହିତ୍ୟର 'ନୟି କାହାନୀ' ଆନ୍ଦୋଳନର ଅନ୍ୟତମ ବଳିଷ୍ଠ ସୂତ୍ରଧର । ରାଜେନ୍ଦ୍ର ଯାଦବଙ୍କ ସହ ମିଶି ସେ ଏକ ଇଂ ମୁସ୍‌କାନ୍ ଲେଖିଥିଲେ ।

**ମୈତ୍ରେୟୀ ପୁଷ୍ପା :** ଅନ୍ୟତମ ବିଶିଷ୍ଟ ଲେଖିକା । ତାଙ୍କ ଜନ୍ମ ୧୯୪୪ରେ । ସେ ପ୍ରାୟ ପନ୍ଦରଟି ପୁସ୍ତକର ରଚୟିତା । ଝାନ୍‌ସୀ ନିକଟ ବୁନ୍ଦେଲଖଣ୍ଡରେ ତାଙ୍କର ଜନ୍ମ ହୋଇଥିଲା । ତାଙ୍କ ସାହିତ୍ୟର ପୃଷ୍ଠଭୂମି ଗ୍ରାମୀଣ ଭାରତ । ସେ ସାର୍କ, ସାରସ୍ୱତ ସାହିତ୍ୟ ସମ୍ମାନ ଓ ପ୍ରେମଚାନ୍ଦ୍ ପୁରସ୍କାର ପାଇଛନ୍ତି ତାଙ୍କର ଲେଖା ପାଇଁ ।

ହିନ୍ଦୀ ସାହିତ୍ୟର ଲେଖିକାମାନଙ୍କର ଲେଖାଗୁଡ଼ିକର ଏକ ବିଶେଷତ୍ୱ ହେଉଛି ଯେ ସେମାନେ ପରମ୍ପରାବଦ୍ଧ ସମାଜ, ସେଇ ପୁରୁଣା ସମସ୍ୟାଗୁଡ଼ିକ ନୂତନ ତଥା ପ୍ରଗତିଶୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି । ଆଗରୁ ମଧ୍ୟ ମହାଦେ ବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ ପ୍ରଭୃତିଙ୍କ ଲେଖାରେ ନାରୀ ସମସ୍ୟା ସଂପର୍କିତ ଲେଖାଗୁଡ଼ିକ ପ୍ରକାଶ ପାଉଥିଲା । ହିନ୍ଦୀ ସାହିତ୍ୟର ବିଶିଷ୍ଟ ଲେଖିକାମାନେ ହେଉଛନ୍ତି ଚିତ୍ରାମୁଦ୍‌ଗଲ୍, ମନୁ ଭଣ୍ଡାରୀ, କୃଷ୍ଣା ସେବତୀ, ଉଷା, ପ୍ରିୟମ୍ବଦା, ମୃଦୁଲାଗର୍ଗ୍, ମୃଣାଳ ପାଣ୍ଡେ ପ୍ରଭୃତି ଅନ୍ୟତମ ।

ବଙ୍ଗଳା ସାହିତ୍ୟରେ ଲେଖିକା : ବଙ୍ଗଳା ସାହିତ୍ୟ ଉନ୍ନତ ହେଲେ ହେଁ ଊନବିଂଶ ଶତାବ୍ଦୀ ଆଗରୁ ଗଳ୍ପ ସାହିତ୍ୟର ସୃଷ୍ଟି ହୋଇନଥିଲା । ଆଗରୁ କେବଳ ଲୋକ କାହାଣୀ, କିମ୍ବଦନ୍ତୀ ଓ କବିତା ଭିତରେ ସୀମିତ ଥିଲା । ତତ୍କାଳୀନ ନାରୀ କବିମାନଙ୍କ କବିତାରେ ମଧ୍ୟ ବାମାବାଦୀ ଚିନ୍ତାଧାରା ଫୁଟି ଉଠୁଥିଲା । ଉଦାହରଣ ସ୍ୱରୂପ 'କାମିନୀରାୟ' ୧୮୬୪ରୁ ୨୭ ସେପ୍ଟେମ୍ବର ୧୯୩୩ ପର୍ଯ୍ୟନ୍ତ ସକ୍ରିୟ- ସେ ଜଣେ କବି, ସାମାଜିକ କର୍ମୀ ବାମାବାଦୀ ଲେଖିକା ଏବଂ ଇଂରେଜ ରାଜତ୍ୱ ସମୟ ଦେଶର ପ୍ରଥମ ମହିଳା ସ୍ନାତକ (ସଂସ୍କୃତ ସମ୍ମାନ) ଯେତେବେଳେ ସମାଜରେ ନାରୀ ଶିକ୍ଷାକୁ

ଏକ ନୀତିଗତ କାରଣରୁ ହେଉ କିମ୍ବା କୁସଂସ୍କାର ହେଉ ସେ ସମୟରେ ଅଗ୍ରାଧିକାର ଦିଆଯାଉନଥିଲା । ସେହି ସମୟରେ କାମିନୀ ରାୟ ନାରୀ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ସଦାଚେଷ୍ଟିତ ଥିଲେ । ତାଙ୍କର ଏକ ପ୍ରବନ୍ଧ- The fruit of the tree of knowledgeରେ ସେ ଲେଖିଛନ୍ତି ।

"The male desire to rule is the primary. If not the only, stumbling block to women's enlightenment... they are extremely suspicious of women's emancipation. Why? The same old fear- 'lest they become like us." (୧୯)

କାମିନୀ ରାୟ ହେଉଛନ୍ତି ପରବର୍ତ୍ତୀ ଲେଖିକାମାନଙ୍କ ପାଇଁ ଏକ ପ୍ରେରଣାର ଉତ୍ସ । ବଙ୍ଗଳାରେ ପାଶ୍ଚାତ୍ୟ ଶାସନ ଓ ଶିକ୍ଷାର ପ୍ରସାର ପ୍ରଥମେ ଘଟିଥିବାରୁ ୧୮୧୮ଖ୍ରୀ.ରେ ମିସ୍‌ନାରୀମାନଙ୍କ ଉଦ୍ୟମରେ ପ୍ରଥମ ପତ୍ରିକା ଦିଗ୍‌ଦର୍ଶନ ପ୍ରକାଶିତ ହୋଇଥିଲା । ଏହି ପତ୍ରିକାରେ ସ୍ୱର୍ଣ୍ଣ କୁମାରୀ ପ୍ରଥମେ ଗଳ୍ପ ଲେଖିଥିଲେ । ଏହି ପତ୍ରିକା ଯୋଗୁଁ ପ୍ରଥମ ଗାଳ୍ପିକାର ମାନ୍ୟତା ପାଇଛନ୍ତି ସ୍ୱର୍ଣ୍ଣ କୁମାରୀ ଦେବୀ । (୧୮୬୫-୧୯୩୨) ସେ ଜଣେ ପ୍ରତିଭାଶାଳୀ ଲେଖିକା । ପରବର୍ତ୍ତୀ ସମୟରେ ତାଙ୍କ ଲେଖକୀୟ ସତ୍ତାକୁ ଆହୁରି ଆଗେଇ ନେଇଛନ୍ତି ଶାନ୍ତା ଦେବୀ, ଆଶାପୂର୍ଣ୍ଣା ଦେବୀ, ବାଣୀବସୁ, ସୁଚିତ୍ରା ଭଟ୍ଟାଚାର୍ଯ୍ୟ ପ୍ରଭୃତି ଗାଳ୍ପିକାମାନେ ।

ବଙ୍ଗଳା ସାହିତ୍ୟକୁ ଆଲୋଚନା କଲେ ଦେଖାଯାଏ କାମିନୀ ରାୟ ହେଉଛନ୍ତି ପ୍ରଥମ ମହିଳା କବି, ସ୍କୋଲାର ଏବଂ ବାମାବାଦୀ ଲେଖିକା । ବିଂଶ ଶତାବ୍ଦୀ ଆରମ୍ଭର ଜଣେ ବିଶିଷ୍ଟ ଲେଖିକା ହେଉଛନ୍ତି ବେଗମ୍ ରୋକିୟା ସେଖାଓ୍ୱତ୍ ହୁସେନ୍- ସମସ୍ତେ ତାଙ୍କୁ ଡାକନ୍ତି ବେଗମ୍ ରୋକିୟା ବୋଲି । ସେ ମଧ୍ୟ ଜଣେ 'ବାମାବାଦୀ' ଲେଖିକା (କ୍ଷୁଦ୍ରଗଳ୍ପ) ସେ ପୁଣି ଜଣେ ବିଶିଷ୍ଟ ଲେଖିକା, ସମାଜସେବୀ, ମୁସଲମାନ ବାଳିକା ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା, ବିଶିଷ୍ଟ କର୍ତ୍ତ୍ରୀ (୯ ଡିସେମ୍ବର ୧୮୮୦- ୯ ଡିସେମ୍ବର ୧୯୩୨) ଏବଂ ବାମାବାଦୀ ସ୍ରଷ୍ଟା । ତାଙ୍କର ଅନେକ କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରହିଛି । ଏ ସବୁଥିରେ ରହିଛି ନାରୀ ସ୍ୱାଧୀନତା ଏବଂ ବିଭିନ୍ନ ପ୍ରକାର କୁସଂସ୍କାର । ସେ ପ୍ରଥମେ ସ୍ୱର ଉତ୍ତୋଳନ କରିଛନ୍ତି ନାରୀ ସ୍ୱାଧୀନତା ସମ୍ପର୍କରେ । ସେ ବିଶ୍ୱାସ କରୁଥିଲେ ଯେ ନାରୀ ଶିକ୍ଷିତା ହେଲେ- ପେସାରେ ଏବଂ ବୃତ୍ତିରେ ସେ ଯାହା ଚାହିଁବ ତାହା କରିପାରିବ । ତାଙ୍କ ଲେଖାଗୁଡିକ ମଧ୍ୟରେ ପିପାସା (Thirst) ୧୯୦୨. ମୋତିଚୁର- ୧୯୦୪- ପ୍ରଥମ, ଦ୍ୱିତୀୟ, କେତେକ ପରୀ କାହାଣୀ, ଡେଲିସିଆ ହତ୍ୟା (Translation of the murder of Delicicia, The fruits of Knowledge, Nari shrusti (creation of women) sultan's dream-୧୯୦୮ ଏହା ଏକ ନାରୀମାନଙ୍କ ପାଇଁ କଳ୍ପିତ ସୁଖ ରାଜ୍ୟ ଭାବରେ ପରିଗଣିତ । ଯେଉଁଥିରେ ଜଣେ ନାରୀ ହେଉଛି ଶାସନ କର୍ତ୍ତ୍ରୀ ଏବଂ ସେଠାରେ କେବଳ ସୁଖର ଫୁଆରା ଦେଖିବାକୁ ମିଳେ । padmarg- ତାଙ୍କର ଉପନ୍ୟାସ-୧୯୨୪ରେ ରଚିତ । Boligarta ବାଲିଗର୍ତ୍ତ ତାଙ୍କର କ୍ଷୁଦ୍ରଗଳ୍ପ ସଂକଳନ । ବେଗମ୍ ରୋକିୟାଙ୍କର ଲେଖନୀ ଅଜସ୍ର ସ୍ରାବୀ । ତାଙ୍କ ଲେଖାଗୁଡିକରେ ରହିଛି ସାମାଜିକ କଟକଣା, ବିରୁଦ୍ଧରେ, ଧର୍ମ ବିରୁଦ୍ଧରେ, ଅନ୍ୟାୟ ବିରୁଦ୍ଧରେ, ସ୍ୱର ଉତ୍ତୋଳନ । ମୁଖ୍ୟତଃ ନାରୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ... ।

**ଆଶାପୂର୍ଣ୍ଣା ଦେବୀ :** ବଙ୍ଗଳା ଭାଷାର ଆଉ ଜଣେ ବିଶିଷ୍ଟ ଲେଖିକା ହେଲେ ଆଶାପୂର୍ଣ୍ଣା ଦେବୀ । ଜନ୍ମ ୧୯୩୬- ମୃତ୍ୟୁ୧୯୫୫ । ଉଚ୍ଚକୋଟୀର ଔପନ୍ୟାସିକା ଓ ଗାଳ୍ପିକା । ତାଙ୍କର ୨୪୨ଟି ଉପନ୍ୟାସ ଓ ୩୭ଟି ଗଳ୍ପ ସଂକଳନ ରହିଛି । ତାଙ୍କର ପ୍ରଥମ ଗଳ୍ପ ପତ୍ନୀ ଓ ପ୍ରେୟସୀ । ସମାଜରେ ଥିବା ଏହି ସମୟର ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସେ ଲଢ଼ିଥିଲେ । ମଣିଷର ନିତିଦିନିଆ ଜୀବନର ଘଟଣା ଓ ଅସାଧାରଣ ଚରିତ୍ର ବିନ୍ୟାସ ଭିତରେ ବହୁ

ଗୁରୁତ୍ୱପୂର୍ଣ୍ଣ କଥା ସେ କହିଛନ୍ତି । ତାଙ୍କ ଲେଖନୀରେ ନାରୀ ଚରିତ୍ରମାନେ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାର ଆତ୍ମପ୍ରତ୍ୟୟ ସୃଷ୍ଟି କରିପାରିଛନ୍ତି । ମଣିଷର ମନଗହନର ରହସ୍ୟକୁ (Women's phychology) ବୁଝିବାରେ ତାଙ୍କର ଅସୀମ ଦକ୍ଷତା ରହିଛି ।

**ମହାଶ୍ୱେତା ଦେବୀ :** ମହାଶ୍ୱେତା ଦେବୀ ବଙ୍ଗଳା ସାହିତ୍ୟର ଜଣେ ବିଶିଷ୍ଟ ଲେଖିକା ତଥା ସ୍ୱାଧୀନତା ସଂଗ୍ରାମୀ ଜନ୍ମ ୧୯୨୬ । ମହାଶ୍ୱେତା ଦେବୀ ଅତି ଅଳ୍ପ ବୟସରୁ ଲେଖନୀ ଚାଳନା କରିଛନ୍ତି । ତାଙ୍କ ପିତା ମନୀଷ ଘଟକ୍ ଜଣେ କବି ଏବଂ ଔପନ୍ୟାସିକ ଥିବାବେଳେ ମା' ଗାୟତ୍ରୀ ଦେବୀ ଥିଲେ ଲେଖିକା ଓ ସମାଜସେବୀ । ମହାଶ୍ୱେତା ଦେବୀଙ୍କ ଲେଖନୀରେ ଆଦିବାସୀ, ସାନ୍ତାଳ, ଲୋଧା ପ୍ରଭୃତି ଜନଜାତିଙ୍କର ସଂଘାତମୟ ଜୀବନଚିତ୍ର ଦେଖିବାକୁ ମିଳେ । ପୁଣି ବଂଚିତ, ଅବହେଳିତ ଶୋଷିତ ଲୋକଙ୍କ ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ । ସେହି ଉପେକ୍ଷିତ ଲୋକମାନେ କିପରି ଭାବରେ ଅଶିକ୍ଷା ଓ ଦାରିଦ୍ର୍ୟରୁ ମୁକ୍ତ ହେବେ ତାହା ହିଁ ତାଙ୍କ ସାହିତ୍ୟରେ ପ୍ରତିଫଳିତ ହୋଇଛି । ଗୋଟିଏ ଅବହେଳିତ ଜାତିକୁ ସମାଜର ମୂଳଧାରା ସହିତ ସଂଯୁକ୍ତ କରିବାରେ ତାଙ୍କର ଅବିଚ୍ଛିନ୍ନ ପ୍ରୟାସ ଜାରି ରହିଛି ତାଙ୍କ ଗଳ୍ପ ଏବଂ ଉପନ୍ୟାସରେ । ଅନ୍ୟାୟ ଅତ୍ୟାଚାର ଓ ଶୋଷଣ ବିରୋଧରେ ତାଙ୍କ ଚରିତ୍ରଗୁଡିକର ଆଗ୍ନେୟ ଉଚ୍ଚାରଣ ଲକ୍ଷ୍ୟ କରାଯାଏ । 'ରମଣ ମାଗାସେସେ' ପୁରସ୍କାର ବିଜୟିନୀ ମହାଶ୍ୱେତାଦେବୀ ଜ୍ଞାନପୀଠ ବିଜୟିନୀ ମଧ୍ୟ ।

ବଙ୍ଗଳା ସାହିତ୍ୟର ଅନ୍ୟତମ ବିଶିଷ୍ଟ ଲେଖିକା-ବାଣୀବସୁ । ତାଙ୍କ ଲେଖାରେ ମଧ୍ୟ ମଣିଷ, ସମାଜ ପାଇଁ ତଥା ବଂଚିତ ଜନସାଧାରଣଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ତାଙ୍କ ଲେଖନୀ ଉଦ୍ଦିଷ୍ଟ । 'ଶ୍ୱେତପଥରେର ଥାଲା' ଗନ୍ଧର୍ବୀ, ମୋହନା, ଅଷ୍ଟମଗର୍ଭ, ମୈତ୍ରୀଜାତକ ଏକୁଶେପା ପ୍ରଭୃତି ରଚନା କରି ସେ ବଙ୍ଗଳା ସାହିତ୍ୟର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ବଙ୍ଗଳା ସାହିତ୍ୟର ସେକ୍ସପିଅର ବୋଲି ତାଙ୍କୁ କୁହାଯାଏ (Shakespeare) । (କାଳଜୟୀ ଚରିତ୍ର ପାଇଁ) ସୁଚିତ୍ରା । ଭଟ୍ଟାଚାର୍ଯ୍ୟ- ୧୯୫୦-୨୦୧୫ (ମେ, ମୃତ୍ୟୁ) ଜଣେ ବିଶିଷ୍ଟ ଲେଖିକା, ତାଙ୍କ ଲେଖାଗୁଡିକରେ ବାମାବାଦୀ ନୁହେଁ ମାନବବାଦୀ ସ୍ୱର ଫୁଟିଉଠିଛି । ସେ ଚବିଶଟି ଉପନ୍ୟାସ ଓ ବହୁ ସଂଖ୍ୟକ କ୍ଷୁଦ୍ର ଗଳ୍ପ ସଂକଳନର ସ୍ରଷ୍ଟା । ତାଙ୍କର ଲେଖାଗୁଡ଼ିକ ମଧ୍ୟରେ କାଚେର୍‌ଦିବାଲ୍, କାଚେର୍‌ମାନୁଷ, ହେମନ୍ତେର୍‌ପକ୍ଷୀ, କ୍ଷୁଦ୍ର ଗଳ୍ପ ସଂକଳନ ଅନନ୍ୟ ଓ ଅସାଧାରଣ ।

ଆହୁରି ଅନେକ ଲେଖିକାଙ୍କ ମଧ୍ୟରେ ଲୀଳା ମଜୁମ୍‌ଦାର, ପ୍ରତିଭା ବୋଷ, ନୀଳିମା ଇବ୍ରାହିମ୍, ପ୍ରତିଭା ବୋଷ ପ୍ରଭୃତି ଲେଖିକା ଅନ୍ୟତମ ।

ଇଂରାଜୀ, ହିନ୍ଦୀ, ବଙ୍ଗଳା, ଅହମୀୟା ଭାଷାରେ ଥିବା ଲେଖିକାମାନଙ୍କ ଭଳି ଅନ୍ୟ ଭାଷା ସାହିତ୍ୟର ଲେଖିକାମାନଙ୍କ ପାଇଁ ଭାରତୀୟ ସାହିତ୍ୟ ସମୃଦ୍ଧ ହୋଇଛି । ସେମାନଙ୍କ ମଧ୍ୟରେ ମାଲାୟାଲମ୍ ଭାଷାର ସବୁଠାରୁ ଚର୍ଚ୍ଚିତ ଲେଖିକା ହେଉଛନ୍ତି କମଳା ଦାସ । ତାଙ୍କର ଆତ୍ମଜୀବନୀ ସମ୍ବଳିତ ରଚନା (Mystory)ରେ ତାଙ୍କର ସ୍ପଷ୍ଟ ଅଭିବ୍ୟକ୍ତି ପାଇଁ ସେ ଯେପରି ପ୍ରଶଂସିତ ସେହିପରି ସମାଲୋଚିତ ମଧ୍ୟ । ତାଙ୍କର ଅନେକ କାହାଣୀ ମାଧବୀ କୁଟ୍ଟୀର ଛଦ୍ମ ନାମରେ ପ୍ରକାଶ ପାଇଥିଲା । କମଳା ଦାସ ପ୍ରଥମରୁ ଭଲ ଭାବରେ ଜାଣିଥିଲେ ଯେ ଈଶ୍ୱର ଓ ଘରକରଣା ହିଁ ଏକଦା ଥିଲା ଲେଖିକାମାନଙ୍କର ସୃଷ୍ଟିର ପ୍ରସଙ୍ଗ । ମୀରାବାଈ ସେମାନଙ୍କର ଏକମାତ୍ର ଆଦର୍ଶ । ସେ ଅନୁଭବ କରିପାରିଥିଲେ ଯେ ଆଈମାନେ ଯୁଗ ଯୁଗ ଧରି ବହୁ କାହାଣୀର ପ୍ରବକ୍ତା ହେଲେ ବି ନାରୀ ମନର ଗୋପନ ବ୍ୟଥା ଓ ବେଦନା ସବୁବେଳେ ଅବ୍ୟକ୍ତ ରହିଯାଉଥିଲା । ତାଙ୍କର ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ Padmabati the harlot and other stories ଖୁବ୍ ପରିଚିତ । କଥାବସ୍ତୁ ନିର୍ବାଚନ ଚରିତ୍ର ଚୟନ, ତୀକ୍ଷଣ ଦୃଷ୍ଟିଭଙ୍ଗୀ ଓ ସ୍ପଷ୍ଟୋକ୍ତି ତାଙ୍କୁ ସର୍ବ ଭାରତୀୟ ସ୍ତରରେ ପରିଚିତି ଦେଇପାରିଛି ।

ଲାଲିଥାମ୍ବିକା ଆର୍ଥ ରାଜାନମ୍- ବିଶିଷ୍ଟ ସାହିତ୍ୟିକା । ନିଷ୍ପେସିତ, ନିର୍ଯାତିତ ନାରୀମାନଙ୍କର ମାର୍ମିକ କାହାଣୀକୁ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରିଛନ୍ତି ତାଙ୍କ ଗଳ୍ପଗୁଡ଼ିକରେ । କେରଳର ଏକ ବ୍ରାହ୍ମଣ ସଂପ୍ରଦାୟ ନମ୍ବୁଥିରିର୍ ନାରୀମାନେ କିପରି ଦେହ, ମନରେ ଅତ୍ୟାଚାରିତ ଓ ନିର୍ଯାତିତ ହୁଅନ୍ତି ତା'ର ସ୍ପଷ୍ଟ ବିବରଣୀ ସେ ତାଙ୍କର କାହାଣୀରେ ପ୍ରଦାନ କରିଛନ୍ତି । ଏହି ସଂପ୍ରଦାୟର ସ୍ତ୍ରୀ ଲୋକମାନେ ଭିନ୍ନ ବା ନିମ୍ନବର୍ଗର ଜାତିରେ ବିବାହ କରିପାରନ୍ତି ନାହିଁ ଅଥଚ ନିଜ ସଂପ୍ରଦାୟର ପ୍ରଚଳିତ ବିବାହ ରୀତି ଅନୁସାରେ ସେମାନଙ୍କୁ ସହଜରେ ବର ମିଳେ ନାହିଁ । ପରମ୍ପରା ନାମରେ ସେମାନେ ସବୁପ୍ରକାର ଶୋଷଣର ଶିକାର ହୋଇଥା'ନ୍ତି । ନାରୀ ନିର୍ଯାତନା ଚରମ ଅବସ୍ଥାରେ ପହ* ଯେତେବେଳେ ପୁରୁଷଟିଏ ସାମାନ୍ୟ ବା ଅକାରଣରେ ନାରୀ ଚରିତ୍ରକୁ ସନ୍ଦେହ କରି ଘରୁ ବାହାର କରିଦିଏ ଓ ତାକୁ ସ୍ମାର୍ଥ ବିଚାରମ୍ Communal trailରେ ଦୋଷୀ ସାବ୍ୟସ୍ତ କରାଇ ତାଙ୍କୁ ସାଧନମ୍ ବା ବସ୍ତୁର ଆଖ୍ୟା ଦିଆଯାଏ ।

ଏହି ପ୍ରକାର ଷଡଯନ୍ତ୍ରର ଘଣାରେ ପେଶୀ ହୋଇ ସମାଜରେ ଉପେକ୍ଷିତ ଦୟନୀୟ ଜୀବନ ବ*ଥିବା ନାରୀମାନଙ୍କର ବହୁଚିତ୍ର ତାଙ୍କ ଗଳ୍ପଗୁଡିକରେ ଉତ୍‌କୀର୍ଣ୍ଣ ହୋଇଛି । ଚୂଡାମଣି ରାଘବନ୍- ତାମିଲ୍ ଭାଷାରେ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଥିବା ଗାଳ୍ପିକାମାନଙ୍କ ମଧ୍ୟରେ ଚୂଡାମଣି ରାଘବନ୍ ବିଶେଷ ଦୃଷ୍ଟି ଆକର୍ଷଣ କରିଥାନ୍ତି । ଚୂଡ଼ାମଣି ବହୁ ଗଳ୍ପ ଓ ଉପନ୍ୟାସର ସ୍ରଷ୍ଟା । ତାଙ୍କ ଗଳ୍ପ ଏବଂ ଉପନ୍ୟାସ ଉଭୟରେ ସାମାଜିକ ଜୀବନରେ ଘଟୁଥିବା ଦ୍ରୁତ ପରିବର୍ତ୍ତନ ଓ ପ୍ରଗତିର ଚିତ୍ର ପ୍ରକାଶିତ । ପରିବର୍ତ୍ତନ ଆମର ପ୍ରାଚୀନ ପରମ୍ପରା ପ୍ରତି ଦୃଷ୍ଟିକୋଣରେ ଭିନ୍ନତା ଆଣିବା ଏକ ସ୍ୱାଭାବିକ ପ୍ରକ୍ରିୟା । ତାଙ୍କ ଗଳ୍ପଗୁଡ଼ିକରେ ଏକ ଆଧୁନିକ ମାନସିକତା ସ୍ପଷ୍ଟ ବାରି ହୋଇପଡେ । ବ୍ୟକ୍ତି ଜୀବନ ଓ ସମାଜ ଜୀବନରେ ସମୟ ପ୍ରଭାବକୁ ସ୍ୱୀକାର କରିନେବାର ଏକ ମୁକ୍ତ ମାନସିକତା ତାଙ୍କର ରହିଥିବାରୁ ତାଙ୍କ ଗଳ୍ପଗୁଡିକରେ ତା'ର ସ୍ପଷ୍ଟ ପ୍ରତିଫଳନ ଲକ୍ଷ୍ୟ କରାଯାଏ ।

**ଶିବ ଶଙ୍କରୀ :** ସାଂପ୍ରତିକ ସମୟର ଜଣେ ଶକ୍ତିଶାଳୀ ଲେଖିକା । ତାଙ୍କର ପ୍ରାୟ ଚାଳିଶଖଣ୍ଡ ପୁସ୍ତକ ପ୍ରକାଶିତ ହୋଇସାରିଛି । ତାଙ୍କ ଗଳ୍ପଗୁଡିକରେ ମୁଖ୍ୟତଃ ସାମାଜିକ ସମସ୍ୟାଗୁଡିକ ସ୍ଥାନ ପାଇଛି- ମୁଖ୍ୟତଃ ନିଶାଦ୍ରବ୍ୟ ସେବନ, ବୃଦ୍ଧ ବୃଦ୍ଧାମାନଙ୍କ ପ୍ରତି ଅବହେଳା, ନାରୀ ପ୍ରତି ଅତ୍ୟାଚାର ଓ ଯୌତୁକ ପ୍ରଥା ଆଦି ବିରୁଦ୍ଧରେ ଦୃଢସ୍ୱର ଉତ୍ତୋଳିତ ହୋଇଥିବାର ଦେଖାଯାଏ । ଆମର ଯୌଥ ପରିବାର ବ୍ୟବସ୍ଥା ସବୁଠାରେ ଭୁଶୁଡି ପଡିଛି । ଫଳରେ ବୃଦ୍ଧବୃଦ୍ଧାମାନଙ୍କର ଯତ୍ନ ନେବା ପାଇଁ ଏକକ ପରିବାରମାନଙ୍କରେ ଲୋକ ଅଭାବ ରହୁଥବା ଓ ଆଧୁନିକ ସମାଜରେ ପତି ଓ ପତ୍ନୀ ଚାକିରିଜୀବୀ ହୋଇଥିଲେ ସେଠାରେ ଅବସ୍ଥା ଅତ୍ୟନ୍ତ ଉତ୍କଟ ହୋଇଥିବାର ଲକ୍ଷ୍ୟ କରାଯାଉଛି । ଏହି ବିଷୟକୁ ନେଇ ଶିବଶଙ୍କରୀ ଅନେକଗୁଡିଏ ଶକ୍ତିଶାଳୀ ଗଳ୍ପ ରଚନା କରିଛନ୍ତି । ସେହିଭଳି ପି. ସବ୍ୟସାଚୀ ତେଲୁଗୁ ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ଏକଶହରୁ ଊର୍ଦ୍ଧ୍ୱ କାହାଣୀର ସ୍ରଷ୍ଟା ପୀ. ସବ୍ୟସାଚୀ ସାହିତ୍ୟକୁ ବହୁ ଭାବରେ ଋଦ୍ଧିମନ୍ତ କରିଛନ୍ତି । 'ଭୋଲ୍‌ଗା'- ତେଲୁଗୁ ସାହିତ୍ୟର ବିଖ୍ୟାତ ବାମାବାଦୀ କବି ଓ କଥାକାର । ସେ ମଧ୍ୟ 'ଅସ୍ମିତା'ର ସଂପାଦିକା । ତାମରାଇସେଲ୍‌ଭି- ତାମିଲନାଡୁର ଜଣେ ପ୍ରତିଷ୍ଠିତ ଲେଖିକା । ଶ୍ରୀଲଙ୍କାର ତାମିଲ ବାସିନ୍ଦାଙ୍କ ସମସ୍ୟାକୁ ନେଇ ସେ ଅନେକ ଗଳ୍ପ ଲେଖିଛନ୍ତି ଓ ଏଗୁଡିକ ଇଂରାଜୀକୁ ଅନୂଦିତ ହୋଇଛି ।

**ପଦ୍ମା ସଚଦେବ :** (୧୯୪୦) କବି, କଥାକାର ଓ ଔପନ୍ୟାସିକା । ମାତୃଭାଷା ଡୋଗରୀକୁ ଏକ ଉଚ୍ଚ ସାହିତ୍ୟିକ ମାନ୍ୟତା ଦେବା ସହ ସେ ଅ*ଳର ସମସ୍ୟାଗୁଡିକୁ ନେଇ କାହାଣୀ ରଚନା କରିଛନ୍ତି । ତାଙ୍କର କାହାଣୀଗୁଡିକ ସର୍ବଭାରତୀୟ ସ୍ତରରେ ଆଦୃତି ଲାଭ କରିଛି । ଧୀରୁବେନ୍ ପଟେଲ୍ ଗୁଜୁରାଟୀ ଭାଷାର ପ୍ରସିଦ୍ଧ ଲେଖିକା । ସେ ପଚାଶରୁ ଊର୍ଦ୍ଧ୍ୱ ଗଳ୍ପ ଏବଂ ଉପନ୍ୟାସ ରଚନା କରିଛନ୍ତି । ୧୯୮୦ରେ ରଞ୍ଜିତରାମ ସୁବର୍ଣ୍ଣଚନ୍ଦ୍ର ସମ୍ମାନ ଲାଭ କରିଛନ୍ତି । ଗୁଜରାଟ ସାହିତ୍ୟ ପରିଷଦ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ପାଇଛନ୍ତି । ହିମାଂଶୀସୋଲାତ୍ ଗୁଜୁରାଟୀ ଭାଷାର ଅନ୍ୟତମ ପ୍ରଖ୍ୟାତ

ଲେଖିକା । ଏକ ଗଭୀର ଅର୍ନ୍ତଦୃଷ୍ଟି ସହ ସେ ଚିନ୍ତା, ଚେତନା ଓ ସମସ୍ୟାକୁ ନେଇ କାହାଣୀ ମାନ ରଚନା କରିଛନ୍ତି । ତାଙ୍କର ବହୁ କାହାଣୀ ବିଭିନ୍ନ ଜାତୀୟ ଭାଷାରେ ଅନୂଦିତ ହୋଇଛି ।

ମରାଠୀ ଭାଷାର ଗଳ୍ପଗୁଡିକୁ ଏକ ସ୍ୱତନ୍ତ୍ର ପରିଚିତି ପ୍ରଦାନ କରିଛନ୍ତି ମାଳତୀ ଯୋଶୀ । ନାରୀକୁ ତା'ର ନିଜ ଅଧିକାର ପ୍ରତି ଜାଗରୁକ କରାଇ ଦେବାର ପ୍ରୟାସ ତାଙ୍କ ରଚନାରେ ପ୍ରତିଫଳିତ ।

**ଅମୃତା ପ୍ରୀତମ୍ :** ଭାରତୀୟ ସାହିତ୍ୟର ଅନ୍ୟତମ ବିଶିଷ୍ଟ କବି ଓ କଥାକାର ହେଉଛନ୍ତି ଅମୃତା ପ୍ରୀତମ୍ । ତାଙ୍କର ୭୫ ଖଣ୍ଡ ପୁସ୍ତକ ପଞ୍ଜାବୀ ଭାଷାରେ ଲିଖିତ । ପୁଣି ଅନେକ ପୁସ୍ତକର ୩୪ଟି ଦେଶୀ ଓ ବିଦେଶୀ ଭାଷାରେ ଅନୁବାଦ ହୋଇଛି । ୧୯୪୭ ମସିହାରେ ଭାରତବର୍ଷ ଦ୍ୱିଖଣ୍ଡରେ ବିଭକ୍ତ ହୋଇଯିବା ଫଳରେ ଦେଶ ବିଭାଜନର ଦୁଃଖାନ୍ତ କରୁଣ ଘଟଣାବଳୀ ମୁଖ୍ୟତଃ ସଂଘଟିତ ହୋଇଥିଲା ପଞ୍ଜାବ ପ୍ରଦେଶରେ । କେତୋଟି ମୁହୂର୍ତ୍ତ ମଧ୍ୟରେ ପାକିସ୍ତାନ ଓ ଭାରତର ଲକ୍ଷ ଲକ୍ଷ ନରନାରୀ ନିଜର ଭିଟାମାଟି, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ ଓ ନିଜର କର୍ମସ୍ଥାନ ଛାଡିବାକୁ ବାଧ୍ୟ ହୋଇଥିଲେ । ଉଭୟପଟରେ ରହିଯାଇଥିଲେ ପ୍ରିୟଜନମାନେ । ସେତେବେଳେ କିଏ ମରିଥିଲା, କିଏ ବଂ୍ଚି ରହିଲା, ତା'ର ଖବର କାହାରି ପାଖରେ ନଥିଲା । ପାକିସ୍ତାନ ନିଜର ଜନ୍ମସ୍ଥାନ, ନିଜର ପ୍ରିୟଜନଙ୍କୁ ଛାଡି ଆସିଥିଲେ ଭାରତବର୍ଷ । ସବୁକିଛି ହରେଇବାର କାରୁଣ୍ୟ ବୋଧ ହିଁ ତାଙ୍କର ଲେଖନୀକୁ ଏପରି ଶକ୍ତିଶାଳୀ ଓ ସ୍ପର୍ଶକାତର କରିଥିଲା । ଭବଭୂତିଙ୍କ ଭାଷାରେ-

'ଏକୋରସଃ କରୁଣ ଏବ'- ରସମାନଙ୍କ ମଧ୍ୟରେ କରୁଣ ରସ ହିଁ ପ୍ରଧାନ ।"(୨୦) ଭାରତ ବର୍ଷର ବିଭାଜନକୁ ନେଇ ଅମ୍ରିତା ଲେଖିଥିଲେ ଅନେକ କବିତା, ଗଳ୍ପ ଓ ଉପନ୍ୟାସ । ତାଙ୍କର ଗଳ୍ପ ସଂକଳନଗୁଡିକ ମଧ୍ୟରେ ଅନ୍ତିମପତ୍ର, ଲାଲମିର୍ଚ୍ଚି, ହୀରେକୀ କନ୍ନୀ, ଏକ୍ ସହରକୀ ମୌତ୍ ପ୍ରଭୃତି ଉଲ୍ଲେଖନୀୟ । ସେହିଭଳି ଉପନ୍ୟାସଗୁଡିକ ମଧ୍ୟରୁ ପିଞ୍ଜର୍, ଏକ୍ ସୱାଲ୍, ଆଗ୍‌କୀ ଲକୀର୍, କୋରେକାଗଜ୍ ଓ ବନ୍ଦ ଦରୱାଜା ପ୍ରସିଦ୍ଧି ଲାଭ କରିଛି । ଅମୃତାଙ୍କ ଜୀବନରେ ଘଟିଥିବା ବହୁ ଉଲ୍ଲେଖନୀୟ ଘଟଣା ଓ ଗଭୀର ଅନୁଭୂତି ଉପରେ ଆଧାରିତ ତାଙ୍କର ଆତ୍ମକଥା 'ରସିଦ୍ ଟିକେଟ୍' ତାଙ୍କୁ ବହୁ ଭାବରେ ଯଶସ୍ୱିନୀ କରିଛି । ଅମୃତାଙ୍କ କାହାଣୀ ଯେଉଁ ଦୁଃଖଦ ସମୟ ଓ ଘଟଣାକୁ ଜୀବନ୍ତ ଭାବରେ ଲିପିବଦ୍ଧ କରିଛି ତାହା ଭାରତୀୟ ସାହିତ୍ୟରେ ଅନନ୍ୟ ସଂପଦ ଭାବରେ ବିବେଚିତ ହେବ । ତାଙ୍କ ଭାଷାରେ 'ଜୀବନ ମୋ ପାଇଁ ବହୁ ଦୀର୍ଘ ଏକ ଯାତ୍ରାର ନାମ । ଜଡରୁ ଚେତନ ପର୍ଯ୍ୟନ୍ତ ଅକ୍ଷରରୁ ଅର୍ଥ ପର୍ଯ୍ୟନ୍ତ ଏବଂ ତା'ର କଳ୍ପନା ଓ ସେଥିରେ ବିଶ୍ୱାସ ରଖି ପାରିବା ସେହି ଯାତ୍ରାର ନାମ ।"(୨୧) ଅମୃତା ତାଙ୍କର ସେହି ଦୀର୍ଘ ଯାତ୍ରା ଉପରେ ବିଶ୍ୱାସ ରଖିଥିଲେ ଓ ସେହି ବିଶ୍ୱାସରୁ ସୃଷ୍ଟ ତାଙ୍କର ସାହିତ୍ୟ କାଳଜୟୀ ହୋଇପାରିଛି ।

ସେମିତି ଉର୍ଦ୍ଦୁ ଭାଷାରେ ଗଳ୍ପ ଲେଖୁଥିବା ଲେଖିକାମାନେ ହେଲେ ହାଜିରା ମାସୁର୍, ଖୁରସିଦ୍ ମିର୍ଜା, ରେଜିଆ ଇସ୍‌ମାତ୍‌ଗୁର୍‌ତାଇ ଓ କୁର୍‌ତୁଲୈନ୍, ହାଇଦର ପ୍ରଭୃତି ଅନ୍ୟତମ । ଏମାନଙ୍କ ଲେଖନୀରେ ମୁସଲମାନ ମହିଳାଙ୍କର ଦ ୟନୀୟ ଚିତ୍ର ତଥା ପାରମ୍ପରିକ ଚିତ୍ରଣର ବାହାରେ ଅନ୍ୟାନ୍ୟ ଦିଗର ଉଦ୍‌ଘାଟନ ହୋଇପାରିଛି ।

# ଓଡ଼ିଶାର ସଂସ୍କୃତି ,ଐତିହ୍ୟ ଓ ପରମ୍ପରା

ମାନିନୀ ଜେନା

ଓଡ଼ିଶା ଭାରତର ଅନ୍ୟତମ ରାଜ୍ୟ। ଏହାର ଇତିହାସ ଭାରତର ଇତିହାସ ପରି ଅନେକ ପୁରୁଣା । ଭିନ୍ନ ଭିନ୍ନ ସମୟରେ ଏହି ଅଞ୍ଚଳ ଓ ଏହାର ପ୍ରାନ୍ତ ସବୁ ଭିନ୍ନ ଭିନ୍ନ ନାମରେ ଜଣାଥିଲା। ଏହାର ସୀମାରେଖା ମଧ୍ୟ ଅନେକ ସମୟରେ ପରିବର୍ତ୍ତିତ ହୋଇଛି । ଓଡ଼ିଶାର ମାନବ ଇତିହାସ ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ ହୋଇଥିବାର ପ୍ରମାଣ ମିଳେ । ଏଠାରେ ଅନେକ ସ୍ଥାନରୁ ଏହି ଯୁଗର ହାତ ହତିଆର ମିଳିଛି। ମାତ୍ର ପରବର୍ତ୍ତୀ ସମୟ ବିଶେଷ କରି ପ୍ରାଚୀନଯୁଗ ସମୟର ଘଟଣାବଳୀ ରହସ୍ୟମୟ । କେବଳ ମହାଭାରତ, କେତେକ ପୁରାଣ ପ୍ରଭୃତି ଗ୍ରନ୍ଥ ମାନଙ୍କରେ ଏହାର ଉଲ୍ଲେଖ ଦେଖିବାକୁ ମିଳେ । ଖ୍ରୀ.ପୂ. ୨୬୧ରେ ମୌର୍ଯ୍ୟ ବଂଶର ସମ୍ରାଟ ଅଶୋକ ଭୁବନେଶ୍ୱର ନିକଟସ୍ଥ ଦୟା ନଦୀ କୂଳରେ ଭୟଙ୍କର କଳିଙ୍ଗ ଯୁଦ୍ଧରେ ସେ ପର୍ଯ୍ୟନ୍ତ ଅପରାଜିତ ଥିବା କଳିଙ୍ଗକୁ ଦଖଲ କରିଥିଲେ । ଏହି ଯୁଦ୍ଧର ଭୟାଭୟତା ତାଙ୍କୁ ଏତେ ପରିମାଣରେ ପ୍ରଭାବିତ କରିଥିଲା ଯେ, ସେ ଯୁଦ୍ଧ ତ୍ୟାଗ କରି ଅହିଂସାର ପଥିକ ହୋଇଥିଲେ । ଏହି ଘଟଣା ପରେ ସେ ଭାରତ ବାହାରେ ବୌଦ୍ଧଧର୍ମର ପ୍ରଚାର ପ୍ରସାର ନିମନ୍ତେ ପଦକ୍ଷେପ ନେଇଥିଲେ ।

ପ୍ରାଚୀନ ଓଡ଼ିଶାର ଦକ୍ଷିଣ-ପୂର୍ବ ଏସିଆର ଦେଶମାନଙ୍କ ସହିତ ନୌବାଣିଜ୍ୟ ସମ୍ପର୍କ ରହିଥିଲା । ସିଂହଳର ପ୍ରାଚୀନ ଗ୍ରନ୍ଥ ମହାବଂଶରୁ ଜଣାଯାଏ ସେଠାର ପୁରାତନ ଅଧିବାସୀ ପ୍ରାଚୀନ କଳିଙ୍ଗରୁ ଯାଇଥିଲେ । ଦୀର୍ଘ ବର୍ଷ ଧରି ସ୍ୱାଧୀନ ରହିବାପରେ, ଖ୍ରୀ.ଅ. ୧୫୬୮ରେ ଏହି ଅଞ୍ଚଳ ବଙ୍ଗଳାର ସେନାପତି କଳାପାହାଡ଼ ଦ୍ୱାରା ଅଧିକୃତ ହୋଇଥିଲା । ଖ୍ରୀ.ଅ. ୧୭୫୧ରେ ଏହି ଅଞ୍ଚଳ ମରାଠା ମାନଙ୍କ ଅଧୀନକୁ ଆସିଥିଲା। ୧୮୦୩ ମସିହାରେ ଇଂରେଜ ମାନେ ଏହି ଅଞ୍ଚଳକୁ ନିଜ ଅଧୀନକୁ ନେଇଥିଲେ। ଏ ସମୟକୁ ଓଡ଼ିଶାର ସ୍ୱାଧୀନ ସତ୍ତା ସୁଧା ବି ନଥିଲା ଓ ଏହା ଅନେକ ଗୁଡ଼ିଏ ଅଂଶରେ ବିଭାଜିତ ହୋଇଯାଇଥିଲା । ୧୯୩୬ ମସିହାରେ ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକ ଏକତ୍ର କରାଯାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଗଲା। ଭାଷାକୁ ନେଇ ଗଠିତ ଏହା ପ୍ରଥମ ରାଜ୍ୟ ଥିଲା।୧୯୩୬ ମସିହା ଅପ୍ରେଲ ପହିଲା ଦିନ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରକୁ ନେଇ ୩୨,୬୯୫ ବର୍ଗମାଇଲ ଓ ୮୦ଲକ୍ଷ ୪୩ହଜାର ୬୮୧ ଜନସଂଖ୍ୟାକୁ ନେଇ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ୧୯୪୮ ମସିହା ଜାନୁଆରୀ ପହିଲା ତାରିଖରେ ୨୩ଟି ଗଡ଼ଜାତର (ଆଠଗଡ଼, ଆଠମଲ୍ଲିକ, କଳାହାଣ୍ଡି, କେନ୍ଦୁଝର, ଖଣ୍ଡପଡ଼ା, ଗାଙ୍ଗପୁର, ଢେଙ୍କାନାଳ, ତାଳଚେର, ତିଗିରିଆ, ଦଶପଲ୍ଲା, ନରସିଂହପୁର, ନୟାଗଡ଼, ନୀଳଗିରି, ପାଟନା, ପାଲଲହଡ଼ା, ବଉଦ, ବଡ଼ମ୍ବା, ବଣାଇ, ବାମଣ୍ଡା, ରଣପୁର, ରେଢ଼ାଖୋଲ, ସୋନପୁର ଓ ହିନ୍ଦୋଳ) ଓଡ଼ିଶା ସହିତ ମିଶ୍ରଣ ହୋଇଥିଲା । ପରେ ମୟୁରଭଞ୍ଜର ଓଡ଼ିଶା ସହ ମିଶ୍ରଣ ହୋଇଥିଲା । ଏହି ଗଡ଼ଜାତ ମିଶ୍ରଣ ପରେ ଓଡ଼ିଶାର ଲୋକସଂଖ୍ୟା ପହଞ୍ଚିଲା ୧କୋଟି ୪୬ଲକ୍ଷ ୪୫ହଜାର ୯୪୬ରେ ଓ କ୍ଷେତ୍ରଫଳ ହେଲା ୬୦ହଜାର ୧୭୦ ବର୍ଗମାଇଲ । ୧୯୫୦ ଜାନୁଆରୀ ୨୬ତାରିଖରେ ଓଡ଼ିଶାରେ ଆଉ ୭ଟି ଜିଲ୍ଲା ଯୋଗହେଲା ମୋଟ ଜିଲ୍ଲା ସଂଖ୍ୟା ହେଲା ୧୩ । ୧୯୯୩ ଏହି ୧୩ଟି ଜିଲ୍ଲା ପୁନର୍ଗଠିତ ହୋଇ ୩୦ଟି ଜିଲ୍ଲା ହେଲା ।

ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଥିବା ଏକ ପ୍ରଶାସନିକ ରାଜ୍ୟ । ଏହାର ଉତ୍ତର-ପୂର୍ବରେ ପଶ୍ଚିମବଙ୍ଗ, ଉତ୍ତରରେ ଝାଡ଼ଖଣ୍ଡ, ପଶ୍ଚିମ ଓ ଉତ୍ତର-ପଶ୍ଚିମରେ ଛତିଶଗଡ଼, ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମରେ ଆନ୍ଧ୍ରପ୍ରଦେଶ ଅବସ୍ଥିତ । ଏହା ଆୟତନ ଓ ଜନସଂଖ୍ୟା ହିସାବରେ ଯଥାକ୍ରମେ ଅଷ୍ଟମ ଓ ଏକାଦଶ ରାଜ୍ୟ । ଓଡ଼ିଆ ଭାଷା ରାଜ୍ୟର ସରକାରୀ ଭାଷା । ୨୦୦୧ ଜନଗଣନା ଅନୁସାରେ ରାଜ୍ୟର ପ୍ରାୟ ୩୩.୨ ନିୟୁତ ଲୋକ ଓଡ଼ିଆ ଭାଷା ବ୍ୟବହାର କରନ୍ତି । ଏହା ପ୍ରାଚୀନ କଳିଙ୍ଗର ଆଧୁନିକ ନାମ । ଓଡ଼ିଶା ୧ ଅପ୍ରେଲ ୧୯୩୬ରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ନବଗଠିତ ହୋଇଥିଲା । ସେହି ସ୍ମୃତିରେ ପ୍ରତିବର୍ଷ ୧ ଅପ୍ରେଲକୁ ଓଡ଼ିଶା ଦିବସ ବା ଉତ୍କଳ ଦିବସ ଭାବରେ ପାଳନ କରାଯାଇଥାଏ । ଭୁବନେଶ୍ୱର ଏହି ରାଜ୍ୟର ସବୁଠାରୁ ବଡ ସହର ଏବଂ ରାଜଧାନୀ ଅଟେ । ଅଷ୍ଟମ ଶତାବ୍ଦୀରୁ ଅଧିକ ସମୟ ଧରି କଟକ ଓଡ଼ିଶାର ରାଜଧାନୀ ରହିବା ପରେ ୧୩ ଅପ୍ରେଲ ୧୯୪୮ରେ ଭୁବନେଶ୍ୱରକୁ ଓଡ଼ିଶାର ନୂତନ ରାଜଧାନୀ ଭାବେ ଘୋଷଣା କରାଯାଇଥିଲା । ପୃଥିବୀର ଦୀର୍ଘତମ ନଦୀବନ୍ଧ ହୀରାକୁଦ ଏହି ରାଜ୍ୟର ସମ୍ବଲପୁର ଜିଲ୍ଲାରେ ଅବସ୍ଥିତ । ଏହାଛଡ଼ା ଓଡ଼ିଶାରେ ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି । ପୁରୀ, କୋଣାର୍କ ଓ ଭୁବନେଶ୍ୱରର ଐତିହ୍ୟସ୍ଥଳୀକୁ ପୂର୍ବ ଭାରତର ସୁବର୍ଣ୍ଣ ତ୍ରିଭୁଜ ବୋଲି କୁହାଯାଏ । ପୁରୀର ଜଗନ୍ନାଥ ମନ୍ଦିର ଏବଂ ଏହାର ରଥଯାତ୍ରା ବିଶ୍ୱପ୍ରସିଦ୍ଧ। ପୁରୀର ଜଗନ୍ନାଥ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା, ସମ୍ରାଟ ଖାରବେଳଙ୍କ ଶିଳାଲେଖ, ଧଉଳିଗିରି, ଜଉଗଡ଼ଠାରେ ଅଶୋକଙ୍କ ପ୍ରସିଦ୍ଧ ଶିଳାଲେଖ ଏବଂ କଟକର ବାରବାଟି ଦୁର୍ଗ, ଆଠମଲ୍ଲିକର ଦେଉଳଝରୀ ଇତ୍ୟାଦି ଏହି ରାଜ୍ୟରେ ଥିବା ମୁଖ୍ୟ ଐତିହାସିକ କୀର୍ତ୍ତି । ବାଲେଶ୍ୱରର ଚାନ୍ଦିପୁରଠାରେ ଭାରତର ପ୍ରତିରକ୍ଷା ବିଭାଗଦ୍ୱାରା କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା



* ଅଧ୍ୟାପିକା, ଓଡ଼ିଆ ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

କରାଯାଇଛି । ଓଡ଼ିଶାରେ ପୁରୀ, କୋଣାର୍କର ଚନ୍ଦ୍ରଭାଗା, ଗଞ୍ଜାମର ଗୋପାଳପୁର ଓ ବାଲେଶ୍ୱରର ଚାନ୍ଦିପୁର ଓ ତାଳସାରିଠାରେ ବେଳାଭୂମିମାନ ରହିଛି ।

**ନାମକରଣ:** ଓଡ଼ିଶା ଶବ୍ଦଟି ମୂଳ ଶବ୍ଦ ଓର/ଉର ବା ଓଡ୍ର, ଉଡ୍ର ଦେଶରୁ, ସୁମେରୀୟ, ଓଡ୍ର ବିଷୟ ଆଦି ପୁରାତନ ନାମରୁ ଆସିଅଛି । ଏହାର ପ୍ରମାଣ ଆକାରରେ ସବୁଠାରୁ ପୁରାତନ ଲେଖ 'ଉତ୍ତର ତୋଷାଳି' ଅନ୍ତର୍ଗତ ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ସୋରଠାରୁ ମିଳିଥିବା ତମ୍ବାପଟାରେ ଓଡ୍ର ବିଷୟର ସୂଚନା ମିଳିଛି । ପାଳି ଓ ସଂସ୍କୃତ ସାହିତ୍ୟରେ ଓଡ଼ିଆ ଲୋକଙ୍କୁ ଯଥାକ୍ରମେ 'ଓଡ଼କ' ଓ 'ଓଡ୍ର' ନାମରେ ନାମିତ କରାଯାଇଛି ।

**ନାମ ବଦଳ :** ଇଂରାଜୀ ଓ ହିନ୍ଦୀରେ "ଓଡ଼ିଶା" ଓ "ଓଡ଼ିଆ"କୁ Orissa ଓ Oriya ତଥା **उड़ीसा** ଓ **उड़ीआ** ଭାବେ ସମ୍ବିଧାନରେ ତଥା ସାଧାରଣରେ ବ୍ୟବହାର କରାଯାଉଥିଲା । ୨୦୦୮ ମସିହା ଜୁନ ୯ରେ ପ୍ରଥମେ ରାଜ୍ୟ କ୍ୟାବିନେଟରେ ଓଡ଼ିଶା ଓ ଓଡ଼ିଆକୁ ଇଂରାଜୀରେ Orissa ଓ Oriya ବଦଳରେ Odisha ଓ Odia ତଥା ହିନ୍ଦୀରେ **उड़ीसा** ଓ **उड़ीआ** ବଦଳରେ **ओड़िशा** ଓ **ओड़ीआ** ଲେଖିବା ପାଇଁ ପ୍ରସ୍ତାବ ଆଗତ କରଯାଇଥିଲା । ୨୦୦୮ ଅଗଷ୍ଟରେ ରାଜ୍ୟ ବିଧାନ ସଭାରେ ଏହି ପ୍ରସ୍ତାବ ଆସିଥିଲା ଓ ବହୁମତରେ ଏହାକୁ ଗ୍ରହଣ କରାଯାଇଥିଲା । ପରେ ନୂଆ ଲୋକ ସଭା ଗଠନ ପରେ ଏହାକୁ ବିଧାନ ସଭାରେ ଆଉ ଥରେ ଆଗତ କରଯାଇଥିଲା । ଏହି ସଂଶୋଧିତ ପ୍ରସ୍ତାବକୁ ୨୦୧୦ ବଜେଟ ଅଧିବେଶନରେ ଲୋକ ସଭାରେ ଆଗତ କରଯାଇଥିଲା । ୨୦୧୦ ଶୀତକାଳୀନ ଅଧିବେଶନରେ ପ୍ରଥମ ଦିନ (ଅକ୍ଟୋବର ୯, ୨୦୧୦)ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ଏହାକୁ ଲୋକ ସଭାରେ ଆଗତ କରିଥିଲେ । ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା ଯାହା ୨୦୧୧ମସିହା ୪ ନଭେମ୍ବରରେ ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରି ଓଡ଼ିଶା (ନାମ ପରିବର୍ତ୍ତନ) ଅଧିନିୟମ, ୨୦୧୧ ନାମରେ କାର୍ଯ୍ୟକାରୀ ହୋଇଛି ।

**ସଂକ୍ଷେପରେ ଓଡ଼ିଶା ଇତିହାସ :** ବୈଦିକ ଓଡ଼ିଶା - କୃଷ୍ଣ ଯଜୁର୍ବେଦ ବୌଧାୟନ କଳ୍ପସୂତ୍ର କହେ (ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ), ବୈଦିକ ସଭ୍ୟତା ବାହାରେ କଳିଙ୍ଗ ଥିଲା ଭିନ୍ନ ଏକ ସଭ୍ୟତା (ନା ଆର୍ଯ୍ୟ ନା ଦ୍ରାବିଡ଼)

ପୌରାଣିକ ଓଡ଼ିଶା - ମହାଭାରତ କହେ, କଳିଙ୍ଗ କୌରବଙ୍କ ପକ୍ଷରୁ ଯୁଦ୍ଧ ଲଢ଼ିଥିଲା ।

କିମ୍ବଦନ୍ତୀରେ ଓଡ଼ିଶା - ଓଡ଼ିଶାରେ ପ୍ରଚଳିତ ଲୋକକଥା ଅନୁସାରେ ଏଠି କଳା ଓ ବାଣିଜ୍ୟର ସଂସ୍କୃତି ପ୍ରଭାବ ବିସ୍ତାର କରିଥିଲା । ସିଂହଳ(ଶ୍ରୀଲଙ୍କା), ଜାଭା, ସୁମିତ୍ରା, ବାଲି, ବ୍ରହ୍ମଦେଶ(ମିଆଁମାର), ସାମ(ଥାଇଲାଣ୍ଡ), କାମ୍ବୋଡ଼ିଆ, ଅନାମ(ଭିଏତନାମ), ଚୀନ, ଜବନ(ଜାପାନ), କୁକୁଟ(କୋରିଆ), ମକ୍ଷସିଖ(ମେକ୍ସିକୋ), ମିସର(ଇଜିପ୍ଟ), ସିମିଳି(ଆରବ), ବାବିଲନ(ଇରାକ) ପ୍ରଭୃତି ସ୍ଥାନରେ କଳିଙ୍ଗର ନିର୍ମାଣ-କଳା ଓ ବାଣିଜ୍ୟ-ସଂସ୍କୃତି-ଇତିହାସର ଚିହ୍ନ ଏବେ ବି ଦେଖିବାକୁ ମିଳେ । ସମ୍ଭବତଃ ଲୋକତନ୍ତ୍ର ପ୍ରଚଳିତ ଥିଲା ।

ଖ୍ରୀ.ପୂ. ୩୬୦-୨୬୦ - ନନ୍ଦ-ସାମ୍ରାଜ୍ୟରେ ଓଡ଼ିଶାର ଏକ ବଡ଼ ଭାଗ ଅନ୍ତର୍ଭୁକ୍ତ ।

ଖ୍ରୀ.ପୂ. ୨୬୧ - ପୃଥିବୀ ବିଖ୍ୟାତ କଳିଙ୍ଗ ଯୁଦ୍ଧ ।

ଖ୍ରୀ.ପୂ. ୧ମ ଶତାବ୍ଦୀ - ଚେଦୀ ରାଜବଂଶର ସମ୍ରାଟ ମହାମେଘବାହାନ ଐର ଖାରବେଳଙ୍କ ରାଜତ୍ୱ, କଳିଙ୍ଗର ପରିସୀମା ଆଗଙ୍ଗା-କାବେରୀ, ତଥା ପଶ୍ଚିମ ଓ ମଧ୍ୟ ଭାରତକୁ ବିସ୍ତାରିତ । ଜୈନ ଧର୍ମର ପ୍ରସାର ।

୩ୟ-ଷଷ୍ଠ ଶତାବ୍ଦୀ - ଗୁପ୍ତ-ରାଜବଂଶ, ହର୍ଷବର୍ଦ୍ଧନ, ଦ୍ୱିତୀୟ ପୁଲକେଶୀ, ମାଠର, ଭୌମକର ଇତ୍ୟାଦି ବିଭିନ୍ନ ରାଜାଙ୍କ ଶାସନାଧୀନ ।

୭୯୫ ଖ୍ରୀ. - କେଶରୀ ରାଜବଂଶ । ଯଯାତି କେଶରୀ କଳିଙ୍ଗ, କୋଶଳ ଓ ଉତ୍କଳକୁ ଏକତ୍ର କଲେ । ଯାଜପୁରରେ ରାଜଧାନୀ ସ୍ଥାପନ ।

୧୦୭୮-୧୪୩୪ ଖ୍ରୀ. - ଗଙ୍ଗ ରାଜବଂଶ । ଅନନ୍ତବର୍ମା ଚୋଳଗଙ୍ଗ ଦେବଙ୍କ ରାଜତ୍ୱ ପ୍ରାରମ୍ଭ ।

୧୦୭୮-୧୧୫୦ ଖ୍ରୀ. - ଚୋଳଗଙ୍ଗ ଦେବଙ୍କ ରାଜୁତି । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ନବୀକରଣ ପ୍ରାରମ୍ଭ । କଟକ ହେଲା ନୂଆ ରାଜଧାନୀ (ପ୍ରାୟ ୧୧୭୦ ଖ୍ରୀ.) ।

୧୧୭୦-୧୧୯୮ ଖ୍ରୀ. - ଦ୍ୱିତୀୟ ଅନଙ୍ଗଭୀମଦେବ । ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ସମାପ୍ତ ।

୧୨୨୯ ଖ୍ରୀ. - ତୃତୀୟ ଅନଙ୍ଗଭୀମଦେବଙ୍କଦ୍ୱାରା ବାରବାଟି ଦୁର୍ଗ ନିର୍ମିତ ।

୧୨୩୮-୧୨୬୪ ଖ୍ରୀ. - ଲାଙ୍ଗୁଳା ନରସିଂହଦେବ । କୋଣାର୍କ ସୂର୍ଯ୍ୟ-ମନ୍ଦିର ନିର୍ମିତ ।

୧୪୩୫-୧୫୪୧ ଖ୍ରୀ. - ଗଜପତି ରାଜବଂଶ । ଆଗଙ୍ଗା-ଗୋଦାବରୀ ସାମ୍ରାଜ୍ୟ ।

୧୪୩୫-୧୪୬୬ ଖ୍ରୀ. - (ନବକୋଟି କର୍ଣ୍ଣାଟ ଉତ୍କଳ ବର୍ଗେଶ୍ୱର) କପିଳେନ୍ଦ୍ର ଦେବ ।

୧୪୯୭-୧୫୪୧ ଖ୍ରୀ. - ରାଜା ପୁରୁଷୋତ୍ତମଦେବ ଓ ତାଙ୍କ ପରେ ପ୍ରତାପ ରୁଦ୍ର ଦେବ ।

୧୫୬୮ ଖ୍ରୀ. - ଓଡ଼ିଶାର ଶେଷ ସ୍ୱାଧୀନ ହିନ୍ଦୁ ଶାସକ ମୁକୁନ୍ଦ ଦେବ ପରାସ୍ତ । ବଙ୍ଗର ମୁସଲିମ ଶାସକ ସୁଲେମାନ କରାଣୀ ତଥା ତାଙ୍କ ସେନାପତି 'କଳାପାହାଡ଼'ଦ୍ୱାରା ଓଡ଼ିଶା ଅଧିକୃତ ।

୧୫୭୬ ଖ୍ରୀ. - ମୋଗଲମାନଙ୍କର ଓଡ଼ିଶା ଅଧିକାର ।

୧୭୫୧ ଖ୍ରୀ. - ମରହଟ୍ଟାମାନଙ୍କର ଓଡ଼ିଶା ଅଧିକାର ।

୧୮୦୩ ଖ୍ରୀ. - ବ୍ରିଟିଶମାନଙ୍କର ଓଡ଼ିଶା ଅଧିକାର(ଏହା ବ୍ରିଟିଶ ଅଧିକୃତ ଶେଷ ଭାରତୀୟ ରାଜ୍ୟ) ।

୧୯୧୨ ଖ୍ରୀ. - ବିହାର-ଓଡ଼ିଶା ବଙ୍ଗରୁ ଅଲଗା ପ୍ରାନ୍ତ ଭାବେ ଗଠିତ ।

୧୯୩୬ ଖ୍ରୀ. - ସ୍ୱତନ୍ତ୍ର ଓଡ଼ିଶା ପ୍ରାନ୍ତ ଗଠିତ । ଭାଷା ଭିତ୍ତିରେ ଗଠିତ ପ୍ରଥମ ଭାରତୀୟ ରାଜ୍ୟ ।

୧୯୪୮ ଖ୍ରୀ. - ଭୁବନେଶ୍ୱର ନୂତନ ରାଜଧାନୀ (ଅପ୍ରେଲ ୧୩) ।

୧୯୫୦ ଖ୍ରୀ. - ସ୍ୱାଧୀନ ଭାରତରେ ଏକ ରାଜ୍ୟ ଭାବେ ଓଡ଼ିଶା ମାନ୍ୟତା-ପ୍ରାପ୍ତ ।

**ଆଫଗାନ ଓ ମୋଗଲ ଶାସନ :** ପରେ ଓଡ଼ିଶା ଆଫଗାନମାନଙ୍କ ହାତକୁ ଆସିଲା ଓ ୧୫୬୮ରେ ଓଡ଼ିଶା ମୋଗଲମାନଙ୍କ ଶାସନାଧୀନ ହେଲା । ଏହି ସମୟରେ ୧୭୫୫ ଖ୍ରୀ. ବେଳକୁ ଓଡ଼ିଶାରେ ଅତ୍ୟାଚାର, ଲୁଣ୍ଠନ, ଅରାଜକତା ଆଦି ବହୁ ମାତ୍ରାରେ ବ୍ୟାପୀ ଯାଇଥିଲା । ୧୮୦୩ରେ ଇଂରେଜମାନେ ଓଡ଼ିଶା ଅଧିକାର କଲେ । 1817 ଖ୍ରୀ.ରେ ପାଇକମାନେ ଇଂରେଜ ବିରୋଧରେ ଲଢ଼େଇ ଆରମ୍ଭ କଲେ । ଇଂରେଜମାନେ ନିର୍ମମ ଭାବରେ ଏହି ବିଦ୍ରୋହକୁ ଦମନ କରିଥିଲେ । ୧୮୧୭ରେ ଖୋର୍ଦ୍ଧା ରାଜା ମୁକୁନ୍ଦଦେବ ବନ୍ଦୀ ବେଳେ ମୃତ୍ୟୁବରଣ କଲେ। ଯଦିଓ ୧୬ଶ ଓ ୧୭ଶ ଶତାବ୍ଦୀରେ ଓଡ଼ିଶାର ବାହାର-ବାଣିଜ୍ୟ ଉନ୍ନତି ସାଧନ କରିଥିଲା, ତଥାପି କେଇ ବର୍ଷର ରାଜନୀତିକ ଅସ୍ଥିରତା ସକାଶେ ଅର୍ଥନୀତିର ପ୍ରଗତି ବାଧା ପାଇଥିଲା ।

**ଇଂରେଜ ଶାସନ :** ୧୮୦୩ ବେଳକୁ ଇଂରେଜମାନେ ଓଡ଼ିଶା ଅଧିକାର କଲାବେଳକୁ ଓଡ଼ିଶାର ଏହି ଅର୍ଥନୀତିର ଅଧପତନ ଚରମ ସୀମାରେ ପହଞ୍ଚି ଥିଲା । ଇଂରେଜମାନେ ବଣିକ ଥିଲେ, ତେଣୁ ଓଡ଼ିଶାକୁ ସେମାନେ ନିଜର କର ଆଦାୟର ମୁଖ୍ୟ କେନ୍ଦ୍ର ଭାବରେ ଗ୍ରହଣ କରି ୧୮୦୫ ମସିହା ବେଳକୁ ରେଗୁଲେସନ ଆକ୍ଟ (Regulation Act) ଓ ୧୮୦୮ରେ ଭୂରାଜସ୍ୱ ବନ୍ଦୋବସ୍ତ ପ୍ରଚଳନ କରିଥିଲେ । ୧୮୨୫ ବେଳକୁ ଏକାଧିକ ବନ୍ଦୋବସ୍ତ ପ୍ରଚଳନ ଫଳରେ ଓଡ଼ିଶା ଶିଳ୍ପ ଓ ବାଣିଜ୍ୟର ଧ୍ୱଂସ ସାଧନ ଲକ୍ଷ୍ୟରେ ଏଠାରୁ ବିଲାତକୁ କଞ୍ଚାମାଲ ନେଇ ସେଠାରୁ ଓଡ଼ିଶାକୁ କଳ କବଜା ଆମଦାନୀ ବାଣିଜ୍ୟ କାରବାର ଆରମ୍ଭ କରାଯାଇଥିଲା । ଏଥି ସହିତ ଲବଣ କର ଜନସାଧାରଣଙ୍କ ଉପରେ ଲାଗୁ କରାଯାଇଥିଲା ଯାହା ଓଡ଼ିଶାର ସାମାଜିକ ଓ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଇଂରେଜ ଅମଳରେ ସମଗ୍ର ଭାରତୀୟ ଉପମହାଦେଶରେ ମାରୁଆଡ଼ି ଓ ଗୁଜରାଟୀ ବେପାରୀ ଗୋଷ୍ଠୀର ଅଭ୍ୟୁଦୟ ହୋଇଥିଲା । ସେମାନେ ବିଶେଷ କରି ବଙ୍ଗାଳୀ ଓକିଲ ଓ ଅନ୍ୟ ବୁଦ୍ଧିଜୀବୀଙ୍କ ପ୍ରରୋଚନାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ କଞ୍ଚାମାଲ ସଂଗ୍ରହ କରି ଓଡ଼ିଶାର ଅର୍ଥନୀତିର ବଜାରକୁ ନିୟନ୍ତ୍ରଣ କରୁଥିଲେ । ଏଥିରେ ବିଦେଶୀମାନେ ହିଁ ଲାଭବାନ ହେଉଥିଲେ।

**ନଅଙ୍କ ଦୁର୍ଭିକ୍ଷ :** ଓଡ଼ିଶାର ଅର୍ଥନୀତି, ସାମାଜିକ ବିଧିବ୍ୟବସ୍ଥା, ଧାର୍ମିକ ବିଶ୍ୱାସର ଅଧପତନ ଘଟାଇବାକୁ ଚେଷ୍ଟିତ ଇଂରେଜ କମ୍ପାନୀ ସରକାର ୧୮୬୬ରେ ନଅଙ୍କ ଦୁର୍ଭିକ୍ଷ ସୃଷ୍ଟି କରିଥିଲେ । ଯାହା ଫଳରେ ଓଡ଼ିଶାର ଦୁଇ ତୃତୀୟାଂଶ ଲୋକ ଖାଇବାକୁ ନ ପାଇ ପୋକମାଛି ପରି ମରିଗଲେ କିମ୍ବା କଲିକତାରେ ବିକ୍ରି ହେଲେ ।

**ଜିଲ୍ଲା :** ଓଡ଼ିଶାରେ ୩୦ଟି ଜିଲ୍ଲା ଅଛି --- ଅନୁଗୋଳ, ବୌଦ୍ଧ, ଭଦ୍ରକ, ବଲାଙ୍ଗୀର, ବରଗଡ଼, ବାଲେଶ୍ୱର, କଟକ, ଦେବଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା , କେନ୍ଦୁଝର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, କେନ୍ଦ୍ରାପଡ଼ା, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ନୟାଗଡ଼, ପୁରୀ, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ । ପ୍ରତି ଜିଲ୍ଲାର ଶାସନମୁଖ୍ୟଙ୍କୁ ଜିଲ୍ଲାପାଳ କୁହାଯାଏ । ଜିଲ୍ଲାପାଳ, ଭାରତୀୟ ପ୍ରଶାସନିକ ସେବା ଅଥବା ଓଡ଼ିଶା ପ୍ରଶାସନିକ ସେବା ମାଧ୍ୟମରେ ନିଯୁକ୍ତି ପାଆନ୍ତି। ଶାସନକଳର ସୁବିଧା ପାଇଁ ପ୍ରତିଟି ଜିଲ୍ଲାକୁ କେତେଗୁଡ଼ିଏ ଉପଖଣ୍ଡ (ସବ-ଡିଭିଜନ)ରେ, ପୁଣି, ପ୍ରତ୍ୟେକ ଉପଖଣ୍ଡକୁ କେତେଗୁଡ଼ିଏ ବ୍ଲକରେ ଏବଂ ପ୍ରତ୍ୟେକ ବ୍ଲକକୁ କେତେଗୁଡ଼ିଏ ପଞ୍ଚାୟତରେ ବିଭକ୍ତ କରାଯାଇଛି ।ଓଡ଼ିଶାର ସବୁଠୁ ବଡ଼ ସହର ଭୁବନେଶ୍ୱର ଏହାର ରାଜଧାନୀ ଅଟେ । ଅନ୍ୟ ମୁଖ୍ୟ ସହରମାନେ ହେଲେ କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ବାଲେଶ୍ୱର, ବାରିପଦା, ବଲାଙ୍ଗୀର ଇତ୍ୟାଦି ।

**ଭୌଗୋଳିକ ସ୍ଥିତି :** ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ (୧୫୫୭୦୭ ବର୍ଗ କି. ମି) ଅଟେ । ଏହାର ଦକ୍ଷିଣରେ ଆନ୍ଧ୍ର ପ୍ରଦେଶ, ପଶ୍ଚିମରେ ଛତିଶଗଡ଼, ଉତ୍ତରରେ ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗ ଏବଂ ପୂର୍ବରେ ବଙ୍ଗୋପ ସାଗର ରହିଅଛି । ମନ୍ଦିରମାଳିନୀ ନଗରୀ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ଅଟେ। ଓଡ଼ିଶାର ପୁରାତନ ରାଜଧାନୀ କଟକ, ଭୁବନେଶ୍ୱରରୁ ମାତ୍ର ୨୯ କି.ମି. ଦୂରରେ ଅବସ୍ଥିତ । ଏହି ଦୁଇ ସହରର କ୍ରମାଗତ ବିସ୍ତାର ଓ ଉତ୍ତମ ସଡ଼କ ଯୋଗାଯୋଗ କାରଣରୁ ଏହି ଦୁଇ ସହର ଦ୍ୱୈତ ନଗରୀ(Twin City ) ନାମରେ ବିଖ୍ୟାତ । ପୁରୀ, ଯାହାକି ଏକ ବିଶ୍ୱବିଖ୍ୟାତ ହିନ୍ଦୁ ଧର୍ମପୀଠ, ଏଠାରୁ ପ୍ରାୟ ୬୦ କି.ମି. ଦୂରରେ ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ । ହିନ୍ଦୁଙ୍କ ଚାରିଧାମ ମଧ୍ୟରୁ ଏହା ଅନ୍ୟତମ । ଏହା ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଲାଗି ବିଶ୍ୱବିଖ୍ୟାତ ।ରାଜ୍ୟର ପଶ୍ଚିମ ଓ ଉତ୍ତରାଂଶ ଛୋଟନାଗପୁର ମାଳଭୂମିର ଅଂଶବିଶେଷ। ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀ ପ୍ରଭୃତିର ମୁହାଣରେ ଉର୍ବର ପଟୁମୃତ୍ତିକା ଯୁକ୍ତ ସମତଳ ଭୂମି ଦେଖାଯାଏ । ଏହି ସମତଳ ଭୂମିରେ ମୁଖ୍ୟତଃ ଧାନଚାଷ କରାଯାଏ ।

ଓଡ଼ିଶାର ପ୍ରାୟ ୩୪% ଭୂମି ଅରଣ୍ୟ ଆଚ୍ଛାଦିତ, କିନ୍ତୁ ବିଭିନ୍ନ କାରଣମାନଙ୍କ ହେତୁ ଏହା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି । ଓଡ଼ିଶାରେ ଅନେକ ଅଭୟାରଣ୍ୟମାନ ରହିଛି । ଏଥିମଧ୍ୟରୁ ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବେ ପ୍ରସିଦ୍ଧ । ବ୍ୟାଘ୍ର ବ୍ୟତୀତ ଝରଣା ଓ ସବୁଜିମା ପୂର୍ଣ୍ଣ ଏହି ଜଙ୍ଗଲରେ ହାତୀ ଓ ଅନ୍ୟାନ୍ୟ ପଶୁପକ୍ଷୀ ବାସ କରନ୍ତି । ଭିତରକନିକା ଅଭୟାରଣ୍ୟ ୧୯୭୫ରୁ ଘଡ଼ିଆଳ କୁମ୍ଭୀରମାନଙ୍କୁ ସୁରକ୍ଷା ଯୋଗାଇ ଆସୁଛି । ଗହୀରମଥା, ଦେବୀ ନଦୀ ଏବଂ ଋଷିକୁଲ୍ୟା ନଦୀ ମୁହାଣକୁ ପ୍ରତିବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ଼ଲେ କଇଁଛ ଅଣ୍ଡା ଦେବାପାଇଁ ଆସନ୍ତି । ମହାନଦୀର ଦକ୍ଷିଣ ମୁହାଣରେ ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ହ୍ରଦ ଚିଲିକା ହେଉଛି ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ । ଏହାକୁ ପକ୍ଷୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଛି । ଏଠାରେ ପ୍ରତିବର୍ଷ ପ୍ରାୟ ୧୬୦ ପ୍ରଜାତିର ସ୍ଥାନୀୟ

ଓ ପ୍ରବାସୀ ପକ୍ଷୀଙ୍କ ସମାଗମ ହୋଇଥାଏ । ଚିଲିକାରେ ଏକ ନୌ-ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ରହିଛି । ଓଡ଼ିଶାର ସର୍ବୋଚ୍ଚ ପର୍ବତ ଶୃଙ୍ଗ ହେଉଛି ଦେଓମାଳୀ (୧୬୭୨ ମି.) ଯାହାକି ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଅବସ୍ଥିତ ଏବଂ ଚନ୍ଦ୍ରଗିରି-ପଟ୍ଟାଙ୍ଗୀ ପର୍ବତମାଳାର ଅନ୍ତର୍ଗତ । ଏହା ମଧ୍ୟ ପୂର୍ବଘାଟ ପର୍ବତମାଳାର ସର୍ବୋଚ୍ଚ ଶୃଙ୍ଗ ।

**ପର୍ଯ୍ୟଟନ :** ଓଡ଼ିଶାରେ ମୋଟ ୩୪୭ଟି ପର୍ଯ୍ୟଟନସ୍ଥଳୀ ରହିଛି । ନନ୍ଦନ କାନନ, ଚିଲିକା, ପୁରୀ, ଧଉଳି ଗିରି, ଖଣ୍ଡଗିରି, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ରାମଚଣ୍ଡୀ, ନିମାପଡ଼ା, ବାରବାଟୀ, ଖଣ୍ଡାଧାର, ଗୁପ୍ତେଶ୍ୱର, ଘଟଗାଁ, ଶିମିଳିପାଳ, ଗହୀରମଥା, ଭିତରକନିକା, କପିଳାସ, ରତ୍ନଗିରି, ମଣିକ, ଲିଙ୍ଗରାଜ, ଗୋପାଳପୁର, ଦେଓମାଳି, ହରିଶଙ୍କର, ସମେଲସ୍ୱରୀ, ହୀରାକୁଦ, ଫୁଲ ଝରଣ, ନାରୟଣୀ, ଚାନ୍ଦିପୁର, ଭଞ୍ଜାରିକା, ଥେରୁବାଲି, ବେଦବ୍ୟାସ, ସାତକୋଶିଆ, ଟିକରପଡ଼ା, ସାତପଡ଼ା, ଅଲାରନାଥ, ତପ୍ତପାଣି, ତାରାତାରିଣୀ, ଚନ୍ଦକା, ଧବଳେଶ୍ୱର ଆଦି ଓଡ଼ିଶାର ମୁଖ୍ୟ ପର୍ଯ୍ୟଟନସ୍ଥଳୀ ।

ଓଡ଼ିଶା ଏହାର ମନ୍ଦିର ମାନଙ୍କ ପାଇଁ ପୃଥିବୀ ପ୍ରସିଦ୍ଧ ଅଟେ । ଓଡ଼ିଶାର ମନ୍ଦିର ଗୁଡ଼ିକ ଆର୍ଯ୍ୟ ସଂପ୍ରଦାୟର ଏବଂ ଏଗୁଡ଼ିକ ସଂପ୍ରଦାୟର ଅନୁସାରେ ଦେଖିବାକୁ ଅଲଗା ଅଲଗା ପ୍ରକାରର । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ଉଚ୍ଚତା ୧୫୦-ଫୁଟ ଏବଂ ପୁରୀର ଜଗନ୍ନାଥ ମନ୍ଦିରର ଉଚ୍ଚତା ୨୦୦-ଫୁଟ, ଯାହାକି ଓଡ଼ିଶାର ସବୁଠୁ ଉଚ୍ଚତମ ମନ୍ଦିର । ଠିକ ସେହିପରି କୋଣାର୍କର ସୂର୍ଯ୍ୟ ମନ୍ଦିର ପୃଥିବୀ ପ୍ରସିଦ୍ଧ । ବୌଦ୍ଧ ଏବଂ ଜୈନ ମନ୍ଦିର ମାନଙ୍କ ପାଇଁ ମଧ୍ୟ ଓଡ଼ିଶା ପ୍ରସିଦ୍ଧ ଅଟେ । ଭୁବନେଶ୍ୱରରେ ଖଣ୍ଡଗିରି ଏବଂ ଉଦୟଗିରି ନାମକ ଦୁଇଟି ଗୁମ୍ଫା ରହିଛି । ଯାହାକି ପୁରାତନ ବୌଦ୍ଧ ଧର୍ମର ମୂକସାକ୍ଷୀ । ଧଉଳିଗିରିଠାରେ ଥିବା ବିଶାଳ ବୌଦ୍ଧ ମୂର୍ତି ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ସେହି ପରି ଓଡ଼ିଶାର ଟିକରପଡା ଘଡ଼ିଆଳ କୁମ୍ଭୀର ପାଇଁ ପ୍ରସିଦ୍ଧ ଅଟେ ।

**ପ୍ରଶାସନ ଓ ରାଜନୀତି :** ଭାରତରେ ସମସ୍ତ ରାଜ୍ୟରେ ସାର୍ବଜନୀନ ମତାଧିକାର ଆଧାରରେ ସଂସଦୀୟ ଗଣତାନ୍ତ୍ରିକ ସରକାର ସ୍ଥାପନ କରାଯାଇଛି ।ଓଡ଼ିଶାର ରାଜନୀତିରେ ସକ୍ରିୟ ରାଜନୈତିକ ଦଳଗୁଡ଼ିକ ହେଲେ- ବିଜୁ ଜନତା ଦଳ, ଭାରତୀୟ ଜାତୀୟ କଂଗ୍ରେସ ଏବଂ ଭାରତୀୟ ଜନତା ପାର୍ଟି । ଓଡ଼ିଶା ରାଜ୍ୟ ସଭା ନିର୍ବାଚନ, ୨୦୧୯ ପରେ, ନବୀନ ପଟ୍ଟନାୟକଙ୍କ ନେତୃତ୍ବରେ ବିଜେଡି ଷଷ୍ଠ ଥର ପାଇଁ କ୍ରମିକ ଭାବରେ କ୍ଷମତାରେ ଆସୀନ । ୨୦୦୦ ମସିହାରୁ ନବୀନ ପଟ୍ଟନାୟକ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ହେଲେ । ବର୍ତ୍ତମାନ ସିଧା ସେ ସେହି ପଦବୀ ରେ ଅଧିକୃତ ଏବଂ ସମଗ୍ର ଭାରତ ବର୍ଷରେ ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବରେ ପୁରସ୍କୃତ ।

**ଶିଳ୍ପ ବିକାଶ :** ଓଡ଼ିଶାରେ ପ୍ରଚୁର ପ୍ରାକୃତିକ ସମ୍ପଦ ଏବଂ ଏକ ବୃହତ ଉପକୂଳ ଅଛି | ପୁଞ୍ଜି ବିନିଯୋଗ ପ୍ରସ୍ତାବ ସହିତ ବିଦେଶୀ ପୁଞ୍ଜି ନିବେଶକାରୀଙ୍କ ପାଇଁ ଓଡ଼ିଶା ସର୍ବାଧିକ ପସନ୍ଦଯୋଗ୍ୟ ସ୍ଥାନ ଭାବରେ ଉଭା ହୋଇଛି। ଏଥିରେ ଭାରତର ଏକ କୋଇଲାର ଏକ ପଞ୍ଚମାଂଶ, ଏହାର ଏକ ଚତୁର୍ଥାଂଶ ଲୁହାପଥର, ବକ୍ସାଇଟ୍ ଭଣ୍ଡାରର ଏକ ତୃତୀୟାଂଶ ଏବଂ କ୍ରୋମାଇଟ୍ ରହିଛି |

**ଓଡ଼ିଶାର ପର୍ବ ଓ ପୂଜା ପର୍ବାଣୀ :** ଓଡ଼ିଶା ହେଉଛି ଆର୍ଯ୍ୟ, ଦ୍ରାବିଡ଼ ଓ ଆଦିବାସୀ ସଂସ୍କୃତିର ଏକ ମିଳନ ଏବଂ ଏମାନଙ୍କ ଭିତରୁ ସମସ୍ତେ ଈଶ୍ୱରଙ୍କ ଉପସ୍ଥିତିକୁ ଅନ୍ୱେଷଣ କରନ୍ତି |ମକର ସଂକ୍ରାନ୍ତି ,ଶାମ୍ବ ଦଶମୀ ,ଦୋଳ ଯାତ୍ରା , ରଜ ,ସରସ୍ୱତୀ ପୂଜା,ମହା ବିଷୁବ ସଂକ୍ରାନ୍ତି , ଗଣେଶ ପୂଜା, ମହାଶିବରାତ୍ରି, ଜନ୍ମାଷ୍ଟମୀ, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, ଖୁଦୁରୁକୁଣୀ ଉଷା ,ସୁଦଶା ବ୍ରତ ,ମାଣବସା ଗରୁବାର ,କାଳୀ ପୂଜା, କାର୍ତ୍ତିକ ପୂର୍ଣ୍ଣିମା, ଇତ୍ୟାଦି ପର୍ବ ପର୍ବାଣି ଏନଂ ଓଷା ବ୍ରତ ପ୍ରତ୍ଯେକ ବର୍ଷ ଖୁବ ଆଗ୍ରହ ସହକାରେ ପାଳିତ ହୁଏ ।

**ବାଲୁକା କଳା:** ଓଡ଼ିଶାର ପୁରୀରେ ଏକ ନିଆରା ପ୍ରକାରର କଳା ବିକଶିତ ହୋଇଛି | କିନ୍ତୁ ଏହା ସମଗ୍ର ବିଶ୍ୱରେ ବ୍ୟାପି ଅଛି | ବାଲୁକାରେ ମୂର୍ତ୍ତି ଖୋଦନ କରିବା ପାଇଁ ଆବଶ୍ୟକ ହୁଏ ପରିଷ୍କାର ଏବଂ ଦାନାଯୁକ୍ତ ବାଲି | ଏହି ପ୍ରକାର ବାଲି ସାହାଯ୍ୟରେ ଓ ଭଗବାନଙ୍କ ଆଶୀର୍ବାଦ ଏବଂ ଆଙ୍ଗୁଳିର ଯାଦୁରେ ଜଣେ କଳାକାର ସମୁଦ୍ର କୂଳରେ ଏକ ସୁନ୍ଦର ଏବଂ ଆକର୍ଷଣୀୟ ମୂର୍ତ୍ତି ଖୋଦନ କରିପାରେ | ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏହି କଳା ସମଗ୍ର ବିଶ୍ବରେ ପରିଚିତ ।

**ହସ୍ତଶିଳ୍ପ:** ଓଡ଼ିଶା ନିଜର ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ ଯାହା ତାଙ୍କ କାରିଗରମାନଙ୍କ ଦକ୍ଷତା ଏବଂ ସୃଜନଶୀଳତା ପ୍ରଦର୍ଶନ କରେ | ପିତ୍ତଳ କାର୍ଯ୍ୟ,, ଟେରାକୋଟା କଳା ବସ୍ତୁ, ରୁପା ତାରକାଶି କାର୍ଯ୍ୟ କଳାତ୍ମକ ଉତ୍କର୍ଷର ଅନନ୍ୟ ଉଦାହରଣ |

**ପିତ୍ତଳ ଏବଂ ବେଲ ଧାତୁ ସାମଗ୍ରୀ:** ପିତ୍ତଳ ଏବଂ ବେଲମେଟାଲ୍ ବାସନ, ପିତ୍ତଳ ଚାନ୍ଦ ଏବଂ ହାଣ୍ଡି ଉପରେ ସୂକ୍ଷ୍ମ ଖୋଦନ ଓଡ଼ିଶା କଳାର ଗୁରୁତ୍ୱପୂର୍ଣ୍ଣ ଦିଗ | ଧାତୁରେ ନିର୍ମିତ କଳାକୃତି, ବିଶେଷ କରି ପିତ୍ତଳ, ଓଡ଼ିଶାର ଘରେ ଗର୍ବର ସ୍ଥାନ ପାଇଥାଏ | ଦେବତାମାନଙ୍କର ପୂଜା ସମୟରେ ସୁନ୍ଦର ଦୀପ ଏବଂ ଦୀପ-ଷ୍ଟାଣ୍ଡ ବ୍ୟବହାର କରାଯାଏ | ପିତ୍ତଳରୁ ନିର୍ମିତ ଚାଉଳ ମାପିବା ପାତ୍ରଗୁଡିକ ଅନେକ ଘରେ ବ୍ୟବହୃତ ହୁଏ| କାରିଗରମାନେ ମଧ୍ୟ ପିତ୍ତଳରୁ ହାତୀ ଏବଂ ଘୋଡା ତିଆରି କରି ଜଟିଳ ଡିଜାଇନରେ ସେ ଗୁଡ଼ିକୁ ରୂପ ଦିଅନ୍ତି | ପିତ୍ତଳର ପାତ୍ରଗୁଡ଼ିକ ଉଭୟ ଉପଯୋଗୀ ଏବଂ ଅଳଙ୍କାର ପାଇଁ ଡିଜାଇନ୍ ହୋଇଛି | ପିତ୍ତଳ ଏବଂ ଘଣ୍ଟି ଧାତୁରେ ନିର୍ମିତ ଘରୋଇ ସାମଗ୍ରୀ ଏବଂ ବାସନଗୁଡିକ ଅଛି ଏବଂ ସେଗୁଡ଼ିକ ବିଭିନ୍ନ ଆକୃତି ଏବଂ ଆକାରର | ଓଡ଼ିଶାର ପିତ୍ତଳ ସାମଗ୍ରୀ କାରିଗରମାନଙ୍କର ଉଚ୍ଚ କାରୁକାର୍ଯ୍ୟ ଏବଂ ନୂତନତ୍ୱ ପାଇଁ ସେମାନଙ୍କର ଚମତ୍କାରତାକୁ ପ୍ରକାଶ କରିଥାଏ |

**ଟେରାକୋଟା ଏବଂ କୁମ୍ଭାର :** ଓଡ଼ିଶାର କୁମ୍ଭକାରମାନେ ବିଭିନ୍ନ ଧାର୍ମିକ ଏବଂ ସାମାଜିକ କାର୍ଯ୍ୟରେ ବ୍ୟବହୃତ ହେବାକୁ ମାଟିପାତ୍ର ତିଆରି କରନ୍ତି | ସେଗୁଡିକ ବିଭିନ୍ନ ଆକୃତି ଏବଂ ଆକାରରେ ନିର୍ମିତ ଏବଂ ମାଛ ଏବଂ ଫୁଲର ମୋଟିଫ୍ ଏବଂ ଜ୍ୟାମିତିକ ଡିଜାଇନ୍ ସହିତ ସୁସଜ୍ଜିତ | ଧାର୍ମିକ ସମୟରେ ସ୍ଥାନୀୟ ଚାହିଦା ପୂରଣ କରିବା ପାଇଁ ଟେରାକୋଟାରେ ଘୋଡା ଏବଂ ହାତୀ ତିଆରି କରାଯାଏ | ରୋଗ ଏବଂ ବିପଦରୁ ରକ୍ଷା ପାଇବା ପାଇଁ ଏମାନଙ୍କୁ ଗ୍ରାମ-ଦେବୀ (ଗ୍ରାମ-ଦେବତା)କୁ ଦିଆଯାଏ | ଆକାରରେ ସେମାନେ ଛଅ ଇଞ୍ଚରୁ ତିନି ଫୁଟ ପର୍ଯ୍ୟନ୍ତ| କୁମ୍ଭାର ମାଟି ଖେଳନା ଏବଂ ମଣିଷର ସରଳ ଏବଂ ଆକର୍ଷଣୀୟ ଚିତ୍ର ମଧ୍ୟ ତିଆରି କରେ | ସେମାନେ ବାସ୍ତବ ଜୀବନ ଜୀବମାନଙ୍କର ଅତ୍ୟାବଶ୍ୟକ ବିଶିଷ୍ଟ୍ୟଗୁଡିକ ଧରିଥାନ୍ତି | ଓଡ଼ିଶାର ପ୍ରତ୍ୟେକ ପ୍ୟାନରେ ଟେରାକୋଟା ଖେଳନା ତିଆରି କରାଯାଏ | ଖେଳନାଗୁଡିକ ଡିଜାଇନ୍ରେ ସରଳ ଏବଂ ସେମାନେ ଉତ୍ପାଦିତ ସ୍ଥାନର ଗୁଣ ବହନ କରନ୍ତି |

**ଓଡ଼ିଶା ର ଐତିହ୍ୟ** : ପ୍ରାକ୍-ଐତିହାସିକ ଯୁଗରୁ ଓଡ଼ିଶାର ସଭ୍ୟତାର କ୍ରମବିକାଶ ଘଟିଥିବାର ପ୍ରମାଣ ମିଳେ। ଖ୍ରୀ.ପୂ ପ୍ରଥମ ସହସ୍ରାବ୍ଦରେ ଓଡ଼ିଶାର କଳିଙ୍ଗ ରାଜ୍ୟ ଭାରତରେ ଏକ ଦୁର୍ଦ୍ଧର୍ଷ ରାଜଶକ୍ତି ରୂପେ ପରିଚିତ ଥିଲା ଓ ନୌବାଣିଜ୍ୟ ଦ୍ୱାରା ନିଜର ଆର୍ଥିକ ସ୍ଥିତି ଦୃଢ଼ କରିପାରିଥିଲା। ପ୍ରାଚୀନକାଳରୁ ଓଡ଼ିଶାରେ ଗଢିଉଠିଥିବା ସଭ୍ୟତା ଓ ସଂସ୍କୃତି ଆଞ୍ଚଳିକ ସ୍ୱତନ୍ତ୍ରର ମର୍ଯ୍ୟାଦା ବହନ କରି କାଳକ୍ରମେ ପରିପ୍ରକାଶ ଲାଭ କରିଛି । ତନ୍ମଧ୍ୟରୁ କଳା-ସ୍ଥାପତ୍ୟ,ଧର୍ମ-ସାହିତ୍ୟ,ଚିତ୍ରକଳା, ନୃତ୍ୟ-ସଙ୍ଗୀତ ଇତ୍ୟାଦି ଐତିହ ଶ୍ରେଣୀଭୁକ୍ତ।

**କଳା ସ୍ଥାପତ୍ୟ :** ଧଉଳୀ ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପ୍ରସ୍ତରଗାତ୍ରରେ ଖୋଦିତ ହସ୍ତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପ୍ରାଚୀନ ପ୍ରସ୍ତର କାକୃତି । ଏହି ହସ୍ତୀଟି ମୌର୍ଯ୍ୟଯୁଗୀୟ ହୋଇଥିଲେ ହେଁ କଳିଙ୍ଗ ପ୍ରସ୍ତର କଳା ଚାତୁରୀର ସ୍ୱାକ୍ଷର ବହନ୍ନ କରେ । ଧଉଳିର ପାଞ୍ଚ କି.ମି ଦୂର ଦକ୍ଷିଣରେ ଅଶୋକଙ୍କ ସମୟର ଏକ ଭଗ୍ନ ସ୍ତୁପ ଅରାଗଡ଼ଠାରେ ଆବିଷ୍କୃତ ହୋଇଛି । ଉଦୟଗିରି ଓ ଖଣ୍ଡଗିରିଠାରେ ଥିବା ଜୈନ ଗୁମ୍ଫା ସମୁହ ଓଡ଼ିଶାର ଅନ୍ୟତମ ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କୀର୍ତ୍ତି । ଉଦୟଗିରିର ହାତୀଗୁମ୍ଫାରେ ଖାରବେଳଙ୍କ ରାଜତ୍ୱର ବିଶିଷ୍ଟ ଘଟଣାବଳୀ କ୍ରମାନ୍ୱୟରେ ପ୍ରସ୍ତର ଗାତ୍ରରେ ଖୋଦିତ ହୋଇଛି । ଏହା ହାତୀଗୁମ୍ଫା ଅଭିଲେଖ ନାମରେ ଖ୍ୟାତ । ଏଠାରେ ଅନ୍ୟାନ୍ୟ ଗୁମ୍ଫାଗୁଡିକ ମଧ୍ୟରୁ ଦ୍ୱିତଳ ବିଶିଷ୍ଟ ରାଣୀଗୁମ୍ଫା ଓ ସ୍ୱର୍ଣ୍ଣପୁରୀ-ମଞ୍ଚପୁରୀ କଳାତ୍ମକ ଦୃଷ୍ଟିରୁ ପ୍ରଧାନ । ଏହି ଉଭୟ ଗୁମ୍ଫା ଖାରବେଳଙ୍କ ସମୟରେ ଖୋଦିତ ହୋଇଥିବା ପ୍ରମାଣ ମିଳେ । ଖଣ୍ଡଗିରିର ଗୁମ୍ଫା ଗୁଡିକ ମଧ୍ୟରୁ ଅନନ୍ତଗୁମ୍ଫା, ନବମୁନି ଗୁମ୍ଫା, ବାରଭୁଜି ଗୁମ୍ଫା ଓ ଲଲାଟେନ୍ଦୁକେଶରୀ ଗୁମ୍ଫା ଦଶମ-ଏକାଦଶ ଶତାବ୍ଦୀରେ ଖୋଦିତ ହୋଇଥିବା ପ୍ରମାଣ ମିଳେ । ଏହି ଗୁମ୍ଫାଗୁଡିକର ଅଭ୍ୟନ୍ତରରେ ଜୈନ ତୀର୍ଥଙ୍କରମାନଙ୍କ ମୂର୍ତ୍ତି ଦେଖିବାକୁ ମିଳେ । ଉଦୟଗିରି ଓ ଖଣ୍ଡଗିରି ପ୍ରାଚୀନ କାଳରେ କୁମାରୀ ଓ କୁମାର ପର୍ବତ ରୂପେ ଯଥାକ୍ରମେ ପରିଚିତ ଥିବା ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ ।

ଓଡ଼ିଶାରେ ବୌଦ୍ଧ ଧର୍ମର ଅଭ୍ୟୁତଥାନ ସହିତ ତାଳ ଦେଇ ଅନେକ ବୌଦ୍ଧ ବିହାର ଓ ଉପାସନା ଗୃହ ଗଢି ଉଠିଥିଲା । ଏଗୁଡିକ ପଞ୍ଚମ ଶତାବ୍ଦୀଠାରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବା ପ୍ରମାଣ ମିଳେ । ତନ୍ମଧ୍ୟରୁ ବରଗଡ଼ ଜିଲ୍ଲାର ଗଣିଆପାଲିଠାରେ ଥିବା ମୁଚଳିନ୍ଦ ବୌଦ୍ଧ ବିହାର

ସର୍ବପ୍ରାଚୀନ ବୋଲି ଅନୁମାନ କରାଯାଏ। ସେଥିପରି ଗଞ୍ଜାମ ଜିଲ୍ଲାର ବୁଦ୍ଧଖୋଲ ଅନ୍ୟତମ ପ୍ରାଚୀନ ବୌଦ୍ଧକୀର୍ତ୍ତି ରୂପେ ପରିଚିତ। ରତ୍ନଗିରି, ଲଳିତଗିରି,ଉଦୟଗିରି, ଲାଙ୍ଗୁଡି ପାହାଡ଼, ,ବଜ୍ରଗିରି, ରମେଶ୍ୱର, ସୋଲପୁର, ଖଡିପଦାରୁ ଆବିଷ୍କୃତ ବିହାର,ସ୍ତୁପ,ଚୈତ୍ୟଗୃହ,ଉପାସନା ଗୃହ ଓ ଆବାସସ୍ଥଳୀ ତଥା ବୌଦ୍ଧମୂର୍ତ୍ତି ଆଦି ଏହି ଅଞ୍ଚଳରେ ବୌଦ୍ଧଧର୍ମର ପ୍ରାଧାନ୍ୟ ଓ ଲୋକପ୍ରିୟତାର ପ୍ରମାଣ ଦିଏ । ଏହି ବୌଦ୍ଧମୂର୍ତ୍ତିଗୁଡ଼ିକର ଗଠନ ଓ ଲାଳିତ୍ୟ ଉତ୍କର୍ଷ ମୂର୍ତ୍ତିକଳାର ନିଦର୍ଶନ ଦିଏ । ବୌଦ୍ଧରୁ ପ୍ରାପ୍ତ ଏକ ପୂର୍ଣ୍ଣାବୟବ ମୂର୍ତ୍ତି ଏହି ଶ୍ରେଣୀଭୁକ୍ତ ।

ଓଡ଼ିଶା **ମନ୍ଦିର ମାଳିନୀ** ରାଜ୍ୟ ରୂପେ ସର୍ବତ୍ର ବିଦିତ । ଓଡ଼ିଶାରେ ଥିବା ବିଭିନ୍ନ ମନ୍ଦିରଗୁଡିକର ସଂଖ୍ୟା ଭାରତର ଅନ୍ୟତ୍ର ଥିବା ମନ୍ଦିରଗୁଡ଼ିକଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଏ । ଏହା ମନ୍ଦିର ଗୁଡିକର ଗଠନ ଶୈଳୀ ସ୍ୱତନ୍ତ୍ର ଓ କଳିଙ୍ଗ ଶୈଳୀ ନାମରେ ଖ୍ୟାତ । କଳିଙ୍ଗ ଶୈଳୀରେ ନିର୍ମିତ ଏହି ମନ୍ଦିରଗୁଡିକ ସ୍ଥାପତ୍ୟ ଦୃଷ୍ଟିରୁ ତିନି ପ୍ରକାର । ସେଗୁଡିକ ହେଲା : (୧) ରେଖା ଦେଉଳ, (୨) ପିଢା ଦେଉଳ, (୩) ଖାଖରା ଦେଉଳ । ମନ୍ଦିରର ଶିଖର ଓ ଶୀର୍ଷ ଭାଗର ଗଠନ ଶୈଳୀକୁ ଭିତ୍ତି କରି ଏଭଳି ବିଭକ୍ତି କରଣ କରାଯାଇଛି । କଳିଙ୍ଗ ଶୈଳୀର ମନ୍ଦିର ଗୁଡିକ ସପ୍ତମ ଶତାବ୍ଦୀ ଠାରୁ ପଞ୍ଚଦଶ-ଷୋଡ଼ଷ ଶତାବ୍ଦୀ ମଧ୍ୟରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନିର୍ମିତ ହୋଇଥିଲା । ବିଶେଷକରି ଶୈଳୋଦ୍ଭବ, ଭୌମକର, ସୋମବଂଶୀ , ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ରାଜାମାନଙ୍କ ପୃଷ୍ଠପୋଷକତାରେ ଏହି ମନ୍ଦିର ଗୁଡିକ ନିର୍ମିତ ହୋଇଥିଲା । ଏ ଗୁଡିକ ଓଡ଼ିଶାର ମନ୍ଦିରନଗରୀ ତଥା ରାଜଧାନୀ ଏକାମ୍ରକ୍ଷେତ୍ର ଭୁବନେଶ୍ୱର ଶଙ୍ଖକ୍ଷେତ୍ର ପୁରୀ, ଅର୍କକ୍ଷେତ୍ର କୋଣାର୍କ, ବିରଜାକ୍ଷେତ୍ର ଯାଜପୁର,ଖିଂଚି, ବଉଦ, ଗନ୍ଧରାଡି, ସୋମନାଥତୀର୍ଥ ରାଣୀପୁର ଝରିଆଲ, ନୃସିଂହନାଥ, କୂଆଳ,ବରଗାଁ,ଚଉରାଶି, ନିଆଳି ଏବଂ ପାପଡାହାଣ୍ଡିଠାରେ ଦେଖିବାକୁ ମିଳେ । ତନ୍ମଧ୍ୟରୁ ଭୁବନେଶ୍ୱରର ମୁକ୍ତେଶ୍ୱର,ରାଜରାଣୀ ଓ ଲିଙ୍ଗରାଜ ମନ୍ଦିର, ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ କୋଣାର୍କର ବିଶ୍ୱବିଖ୍ୟାତ ସୂର୍ଯ୍ୟମନ୍ଦିର ପ୍ରସିଦ୍ଧ । ଏହି ମନ୍ଦିର ଗୁଡିକର କଳା ଭାସ୍କର୍ଯ୍ୟ ଶୀଳ୍ପୀମାନସର ଚରମ ଅଭିବ୍ୟକ୍ତିର ଏକ ନିଖୁଣ ଚିତ୍ର ପ୍ରଦାନ କରେ ।

ଆମ ରାଜ୍ୟର ମଧ୍ୟ ଯୁଗୀୟ ପୁରାକୀର୍ତ୍ତି ଗୁଡିକ ମଧ୍ୟରୁ କଟକର ଦେୱାନ ବଜାର ମସଜିଦ, ବାଲୁବଜାର ମସଜିଦ,କଦମ ରସୁଲ, କାଳିଆବୋଦା ଗୁରୁଦ୍ୱାର ଏବଂ ପୁରୀର ବାଉଳି ମଠ ଅନ୍ୟତମ । ଏହା ଛଡା ଚୌହାନ ରାଜାମାନଙ୍କଦ୍ୱାରା ନିର୍ମିତ ମନ୍ଦିର ଗୁଡିକ ଏହି ସମୟର ଅନ୍ୟତମ ପ୍ରସିଦ୍ଧ ପୁରାକିର୍ତ୍ତି ଯାହା ପାଟଣାଗଡ଼, ସୋନପୁର ଓ ସମ୍ବଲପୁରଠାରେ ଦେଖିବାକୁ ମିଳେ ।ଓଡ଼ିଶାର ବୌଦ୍ଧ ଧର୍ମର ଅଭ୍ୟୁଧାନ ସହିତ ତାଳ ଦେଇ ଅନେକ ବୌଦ୍ଧବିହାର ଓ ଉପାସନା ଗୃହ ଗଢି ଉଠିଥିଲା।ଏଗୁଡିକ ପଞ୍ଚମ ଶତାବ୍ଦୀ ମଧ୍ୟରେ ନିର୍ମିତ ହୋଇଥିବାର ପ୍ରମାଣ ମିଳେ। ଧଉଳି ପାହାଡରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପ୍ରସ୍ତର ଗାତ୍ରରେ ଖୋଦିତ ହସ୍ତୀର ସମ୍ମୁଖ ଭାଗରେ ଓଡ଼ିଶାର ସର୍ବପ୍ରାଚୀନ କଳାକୃତି।ଏହି ହସ୍ତୀ ମୌର୍ଯ ଯୁଗୀୟ ହୋଇଥିଲେ ହେ କଳିଙ୍ଗ ପ୍ରସ୍ତର କଳା ଚତୁରୀର ସ୍ୱାକ୍ଷର ବହନ କରେ।

**ଧର୍ମ :** ପ୍ରାଚୀନ କାଳରୁ ଓଡ଼ିଶାରେ ଜୈନ ଧର୍ମ ପ୍ରସାର ଲାଭ କରିଥିବା ଜଣାଯାଏ । ଜୈନ ଧର୍ମର ଶେଷ ଦୁଇଜଣ ତୀର୍ଥଙ୍କର ପାର୍ଶ୍ୱନାଥ ଓ ମହାବୀର ଓଡ଼ିଶାର କଳିଙ୍ଗ ରାଜ୍ୟରେ ଏହି ଧର୍ମ ର ଅଭ୍ୟୁଦୟ ଘଟାଇବାରେ ସହାୟକ ହୋଇଥିଲେ । ଖ୍ରୀ.ପୂ ପ୍ରଥମ ଶତାବ୍ଦୀରେ କଳିଙ୍ଗ ରାଜା ଖାରବେଳ ଜୈନ ଧର୍ମର ପୃଷ୍ଠପୋଷକତା କରିବା ସହିତ ଏହାର ପ୍ରସାର ଘଟାଇଥିଲେ । ପରବର୍ତ୍ତୀ ସମୟରେ ଶୈଳୋଦ୍ଭବ ବଂଶୀୟ ରାଜା ଧର୍ମରାଜ ଓ ସୋମବଂଶୀ ରାଜା ଯଯାତି କେଶରୀ ଓଡ଼ିଶାରେ ଜୈନ ଧର୍ମର ପୃଷ୍ଠପୋଷକା କରିଥିବା ଜଣାଯାଏ । ଭୁବନେଶ୍ୱର ନିକଟସ୍ଥ ଖଣ୍ଡଗିରି ଓ ଉଦୟଗିରି ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ଜୈନ ଗୁମ୍ଫା ଓ ମନ୍ଦିର ଦେଖିବାକୁ ମିଳେ ।

ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ବିକାଶ ଘଟି ବିଭିନ୍ନ ମତବାଦର ପାଇଲା । ଶୈବ,ଶାକ୍ତ,ବୈଷ୍ଣବ ମତବାଦର କ୍ରମଶ ବିକାଶ ସହିତ ଓଡ଼ିଶାରେ ଅନେକଗୁଡିଏ ମନ୍ଦିର ନିର୍ମାଣ ହେଲା । ଶିବ,ଦୁର୍ଗା,ବିଷ୍ଣୁ, ଗଣେଶ, କାର୍ତ୍ତିକେୟ,ବରାହ, ନୃସିଂହ ଓ ବାମନ ପ୍ରଭୃତି ଦେବାଦେବୀମାନେ ଏହି ମନ୍ଦିର ଗୁଡିକର ଅଭ୍ୟନ୍ତରରେ ତଥା ପାର୍ଶ୍ୱରେ ପୂଜା ପାଇଲେ । ମହାନଦୀକୂଳରେ ଓ ପ୍ରାଚୀ ନଦୀ ଉପତ୍ୟକାରେ ମାଧବ ଉପାସନା ଲୋକପ୍ରିୟ ହୋଇପଡ଼ିଲା । ଅଷ୍ଟମ ଶତାବ୍ଦୀ ବେଳକୁ ପୁରୀରେ ପୁରୁଷୋତ୍ତମ ନିଳମାଧବ ପ୍ରସିଦ୍ଧି ଲାଭ କଲେ । ନୀଳ କନ୍ଦରରେ ଶବର ରାଜା ବିଶ୍ୱାବସୁଙ୍କ ପୂଜିତ ନୀଳମାଧବ ପୁରୁଷୋତ୍ତମ ରୂପେ ପରିଚିତ ହୋଇ ଆଚାର୍ଯ୍ୟ ଶଙ୍କରଙ୍କଦ୍ୱାରା ସର୍ବଶ୍ରେଷ୍ଠ ଦେବତା ରୂପେ ଘୋଷିତ ହେଲେ । କାଳକ୍ରମେ ଶିବ-ଦୁର୍ଗା-ବିଷ୍ଣୁ (ପୁରୁଷୋତ୍ତମ)ଙ୍କ ସମନ୍ୱୟ ଘଟି ଶ୍ରୀକ୍ଷେତ୍ର ନୀଳାଚଳରେ ଏହି ତିନି ଦେବତା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ରୂପରେ ଦାରୁ ବିଗ୍ରହରେ ପୂଜା ପାଇଲେ । ଜଗନ୍ନାଥ ଧର୍ମ ମଧ୍ୟରେ ବିଭିନ୍ନ ଧର୍ମ ଓ ମତବାଦର ସମନ୍ୱୟ ଘଟିଲା । ସାଧୁ ସନ୍ଥ ମାନେ ଜଗନ୍ନାଥ ଧାମରେ ନିଜ ନିଜ

ସଂପ୍ରଦାୟର ମଠ ଓ ଉପାସନା ମନ୍ଦିର ସ୍ଥାପନା କଲେ । ତନ୍ମଧ୍ୟରୁ ଶଙ୍କର, ରାମାନୁଜ, ନିମ୍ବାର୍କ, ମାଧ୍ୱାଚାର୍ଯ୍ୟ,ବଲ୍ଲଭଚାର୍ଯ୍ୟ,କବୀର, ଗୁରୁ ନାନକ, ଚୈତନ୍ୟ ପ୍ରଧାନ ।

ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାରେ ଇସଲାମ ଧର୍ମାବଲମ୍ବୀ ପ୍ରବେଶ କରି ବସବାସ କଲେ କାଳକ୍ରମେ ଜଳେଶ୍ୱର,ଭଦ୍ରକ, କଟକ, ପିପିଲି ଅଞ୍ଚଳରେ ମୁସଲମାନ ବୃଦ୍ଧି ପାଇଲା । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଘଟି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହେଲା । ମୁସଲମାନ ଫକୀର ଓ ସୁଫି ସନ୍ଥମାନଙ୍କ ଦରଘା ବା ସମାଧୀପୀଠକୁ ଉଭୟ ସଂପ୍ରଦାୟର ଲୋକମାନେ ଭକ୍ତି ପ୍ରଦର୍ଶନ କଲେ । ଏହି ସଭ୍ୟତା ର ପ୍ରଭାବ **ମୋଗଲ ତାମସା** ଅଭିନୟରେ ଦେଖିବାକୁ ମିଳିଥାଏ । ଅଷ୍ଟାଦଶ ଶତାବ୍ଦୀଠାରୁ ଓଡ଼ିଶାରେ ଖ୍ରୀଷ୍ଟିଆନ ଧର୍ମଯାଜକମାନଙ୍କ ଆଗମନ ଘଟି ରୋମାନ କ୍ୟାଥଲିକ, ପ୍ରୋଟେଷ୍ଟାଣ୍ଟ ଓ ବାପଟିଷ୍ଟ୍ ପ୍ରଭୃତି ଖ୍ରୀଷ୍ଟିଆନ ସଂପ୍ରଦାୟ ସୃଷ୍ଟି ହେଲା । ଧର୍ମଯାଜକ ମାନେ ସ୍କୁଲ, ଡାକ୍ତରଖାନା ଇତ୍ୟାଦି ସ୍ଥାପନ କରି ଲୋକହିତକର କାମରେ ନିଜକୁ ନିୟୋଜିତ କଲେ । ଏମାଙ୍କଦ୍ୱାରା ସ୍ଥାପିତ କଟକର ମିଶନ ପ୍ରେସ ଓଡ଼ିଶାର ସର୍ବପୁରାତନ ମୁଦ୍ରଣଶାଳା । ଉନ୍ନବିଂଶ ଶତାବ୍ଦୀରେ ମହିମା ଗୋସାଇଁଙ୍କଦ୍ୱାରା ପ୍ରଚାରିତ ଅଲେଖ ମହିମା ଧର୍ମ କେନ୍ଦ୍ର ଓ ପଶ୍ଚିମ ଓଡ଼ିଶାର କୃଷକ ସଂପ୍ରଦାୟରେ ବିଶେଷ ଆଦୃତ ହୋଇଥିଲା । ଭୀମ ଭୋଇଙ୍କଦ୍ୱାରା ରଚିତ ଭଜନମାଳା ଓଡ଼ିଶା ଓ ଓଡ଼ିଶା ବାହାରେ ମହିମା ଧର୍ମର ପ୍ରସାର ପାଇଁ ସହାୟକ ହୋଇଥିଲା ।

**ନୃତ୍ୟ ଓ ସଙ୍ଗୀତ :** ଭାରତରେ ପ୍ରଚଳିତ ଶାସ୍ତ୍ରୀୟ ନୃତ୍ୟମାନଙ୍କ ମଧ୍ୟରୁ ଓଡ଼ିଶୀ ନୃତ୍ୟ ଅନ୍ୟତମ । ଏହାର ପରମ୍ପରା ଅତି ପ୍ରାଚୀନ । ଖାରବେଳଙ୍କ ସମୟରେ ଖୋଦିତ ରାଣୀଗୁମ୍ଫା,ସ୍ୱର୍ଗପୁରୀ ଓ ମଞ୍ଚପୁରୀ ଗୁମ୍ଫାର ଗାତ୍ରରେ ଦେଖିବାକୁ ମିଳୁଥିବା ନର୍ତ୍ତକୀମାନଙ୍କର ପ୍ରତିମା ତଥା ହାତୀଗୁମ୍ଫା ଅଭିଲେଖରେ ବର୍ଣ୍ଣିତ ନୃତ୍ୟ ଓଡ଼ିଶୀନୃତ୍ୟର ପ୍ରାଚୀନତା ପ୍ରତିପାଦନ କରେ । ଭରତଙ୍କ **ନାଟ୍ୟଶାସ୍ତ୍ର**ରେ ଉଲ୍ଲିଖିତ କଳିଙ୍ଗ ନୃତ୍ୟ ଶୈଳୀ ଓଡ଼ିଶୀ ନୃତ୍ୟର ସ୍ୱାତନ୍ତ୍ରତା ପ୍ରମାଣିତ କରେ । ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର,ବୈତାଳ ମନ୍ଦିର,ଶିଶିରେଶ୍ୱର ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର,ମୁକ୍ତେଶ୍ୱର ମନ୍ଦିର, ରାଜରାଣୀ ମନ୍ଦିର,ଲିଙ୍ଗରାଜ ମନ୍ଦିର, ମେଘେଶ୍ୱର ମନ୍ଦିର ପ୍ରଭୃତି, ପୁରୀର ଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟମନ୍ଦିରର ବର୍ହିଭାଗରେ ଖୋଦିତ ନର୍ତ୍ତକୀ ଓ ନାୟିକାମାନଙ୍କର ଅଙ୍ଗଭଙ୍ଗୀ ଓ ମୁଦ୍ରାରୁ ଓଡ଼ିଶୀ ନୃତ୍ୟର ପରମ୍ପରା ସମୃଦ୍ଧ ହୋଇଥିବା ଜଣାଯାଏ । ପରବର୍ତ୍ତୀ କାଳରେ ଏହି ନୃତ୍ୟ ଦେବଦାସୀ ନୃତ୍ୟ (ମାହାରୀ) ଓ ଗୋଟିପୁଅମାନଙ୍କଦ୍ୱାରା ପରିବେଷିତ ହୋଇ ଆସୁଥିଲା । ଆମଦେଶ ସ୍ୱାଧୀନ ହେବା ପରେ ଏହି ନୃତ୍ୟ ପରମ୍ପରାର ପୁନରୁଦ୍ଧାର କରାଯାଇ **ଓଡ଼ିଶୀ** ନାମରେ ନାମିତ କରାଗଲା ଓ ଏହା ଶାସ୍ତ୍ରୀୟ ନୃତ୍ୟର ମର୍ଯ୍ୟାଦା ଲାଭ କଲା । ଏହି ଉଦ୍ୟମରେ ସାର୍ଥକତା ଲାଭକରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ନୃତ୍ୟଗୁରୁ ପଙ୍କଜଚରଣ ଦାସ, ଦେବପ୍ରସାଦ ଦାସ ଓ କେଳୁଚରଣ ମହାପାତ୍ର ଅନ୍ୟତମ । ଓଡ଼ିଶୀ ନୃତ୍ୟର ବୈଶିଷ୍ଟ ହେଲା ଅଙ୍ଗଭଙ୍ଗୀ ଓ ଲାଳିତ୍ୟ ଓ ଏହାର ପାଞ୍ଚଗୋଟି ପର୍ଯ୍ୟାୟ ହେଲା : ମଙ୍ଗଳାଚରଣ,ବଟୁ,ପଲ୍ଲବୀ,ଅଭିନୟ ଓ ମୋକ୍ଷ । ନୃତ୍ୟ ଆରମ୍ଭରେ ନର୍ତ୍ତକୀ ଶ୍ରୀଜଗନ୍ନାଥଙ୍କୁ ପୁଷ୍ପାଞ୍ଜଳୀଦ୍ୱାରା ପ୍ରଣାମ ନିବେଦନ କରେ ଓ ଶେଷରେ ମୋକ୍ଷ ଲାଭ କାମନା କରି ପ୍ରଣତି ଜଣାଏ । ଏହି ନୃତ୍ୟରେ ପଖଉଜ,ବେହେଲା,ଗିନି,ଝାଞ୍ଜ,ବଂଶୀ ଇତ୍ୟାଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଏ । ଆଜି ଓଡ଼ିଶୀ ନୃତ୍ୟ ସମଗ୍ର ଭାରତ ବର୍ଷ ଓ ପୃଥିବୀରେ ବିଶେଷଭାବେ ଆଦୃତ ହୋଇପାରିଛି ।

ଓଡ଼ିଶାରେ ଯେପରି ଶାସ୍ତ୍ରୀୟ ନୃତ୍ୟର ସୁମହାନତା ପରମ୍ପରା ରହିଛି, ସେହିପରି ଲୋକନୃତ୍ୟର ମଧ୍ୟ ସମୃଦ୍ଧ ଅତୀତ ରହିଛି । ଆଞ୍ଚଳିକତା-ଭିତ୍ତିରେ ଓଡ଼ିଶାର ପ୍ରସିଦ୍ଧ ଲୋକନୃତ୍ୟଗୁଡିକ ହେଲା, ଦଣ୍ଡନାଚ,ପାଟୁଆଯାତ୍ରା,ଚଇତି ଘୋଡ଼ା ନାଚ,ପଶ୍ଚିମ-ଓଡ଼ିଶାର ଡାଲଖାଇ ନାଚ,କଳାହାଣ୍ଡିର ଘୁମୁରା ନାଚ, ପୁରୀର ସାହିଯାତ,ମୟୂରଭଞ୍ଜର ଛଉନାଚ ଏବଂ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶବର-ଶବରୁଣୀ,ଚଢ଼େଇଆ ନାଚ ଆଦି ମଧ୍ୟ ଏହି ଲୋକନୃତ୍ୟ ଗୁଡିକ ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ଓ ମେଳା ମହୋତ୍ସବମାନଙ୍କରେ ପରିବେଷିତ ହୋଇ ଲୋକଙ୍କର ମନୋରଞ୍ଜନ କରିଥାନ୍ତି । ଓଡ଼ିଶୀ ନୃତ୍ୟ ଭଳି ଓଡ଼ିଶୀ ସଙ୍ଗୀତ ମଧ୍ୟ ଏକ ଶାସ୍ତ୍ରୀୟ ସଙ୍ଗୀତ । ଶ୍ରୀଜଗନ୍ନାଥ ଓ ରାଧା-କୃଷ୍ଣଙ୍କର ଉପରେ ଆଧାରିତ ପାରମ୍ପାରିକ ଭକ୍ତିସଙ୍ଗୀତ ଓଡ଼ିଶୀ ସଙ୍ଗୀତ ମାଧ୍ୟମରେ ଏକ ସ୍ୱତନ୍ତ୍ର ରାଗ, ତାଳ ଓ ଗାୟନଶୈଳୀ ମାଧ୍ୟମରେ ପରିବେଷିତ ହୁଏ ।

ଓଡ଼ିଶା ର ସଂସ୍କୃତି ,ଇତିହାସ ,ପର୍ବପର୍ବାଣୀ ,ରୀତିନୀତି ,କଳା , ସ୍ଥାପତ୍ୟ ଆଦି ସବୁ ଦୃଷ୍ଟି ରୁ ଅନନ୍ୟ ଓ ଭିନ୍ନ । ଯାହା ନିଜସ୍ୱ ମୌଳିକତା ପାଇଁ ସମଗ୍ର ବିଶ୍ୱ ରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛି । ସେ ପରିଚୟ କୁ ଅତି ନିକଟରୁ ଦେଖିବା ପାଇଁ ଅନେକ ପ୍ରର୍ଯ୍ୟଟକ ସବୁ ବେଳେ ଓଡଶା କୁ ଆସି ଥାନ୍ତି । ଯାହା ଓଡ଼ିଶା ର ଅର୍ଥନୀତି କୁ ମଧ୍ୟ ସୁଧୃଢ଼ କରିପାରିଛି ।

## ସହାୟକ ଗ୍ରନ୍ଥସୂଚୀ :


୧ । ସଂ.  ଓଡ଼ିଶା କଲଚରାଲ ଫୋରମ: “ଓଡ଼ିଶା ଲୋକ ସଂସ୍କୃତି”, ଗ୍ରନ୍ଥମନ୍ଦିର ,ନୂତନ ସଂସ୍କରଣ, ପ୍ରଥମ ପ୍ରକାଶ – ୨୦୧୫

୨ । ମହାରଣା ଡ. ସୁରେନ୍ଦ୍ର କୁମାର : “ଓଡ଼ିଆ ସାହିତ୍ୟରେ ଧର୍ମଧାର”; ପ୍ରକାଶକ - ବିଦ୍ୟା ପ୍ରକାଶନ ; ତୃତୀୟ ସଂସ୍କରଣ - ୨୦୧୯

୩। ତ୍ରିପାଠୀ ମହୀମୋହନ :"“ଶ୍ରୀ ଜଗନ୍ନାଥ”; ପ୍ରକାଶକ - ଆମ ଓଡ଼ିଶା ,ଦ୍ବିତୀୟ ସଂସ୍କରଣ -୨୦୧୨

୪ ପାଣିଗ୍ରାହୀ ପ୍ର. କୁମୁଦ ରଞ୍ଜନ:“ଲୋକଧାର,ଲୋକସଂସ୍କୃତି ଓ ଲୋକ ସାହିତ୍ୟ”; ଫ୍ରେଣ୍ଡସ ପବ୍ଲିଶର; ଦ୍ୱିତୀୟ ସଂସ୍କରଣ – ୨୦୧୯

୫। ମହାରଣା ଡ. ସୁରେନ୍ଦ୍ର କୁମାର :” ଓଡ଼ିଆ ସାହିତ୍ୟର ଇତିହାସ”; ଓଡ଼ିଶା ବୁକ ଷ୍ଟୋର ; ଦ୍ୱିତୀୟ ସଂସ୍କରଣ – ୨୦୧୦

୬। ଦଳାଇ ଡ. ଉପେନ୍ଦ୍ର ପ୍ରସାଦ : “ ଓଡ଼ିଆ ଭାଷାର ସୃଷ୍ଟି ଓ ବିକାଶ “ ; ପ୍ରକାଶକ- ଏ.  କ. ମିଶ୍ର  ; ଦ୍ୱିତୀୟ ସଂସ୍କରଣ – ୨୦୧୭